ଆଜି - ଗୁରୁବାର
ତାରିଖ - ୧୮ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୦୪
ତିଥି - ଚତୁର୍ଥୀ, ପକ୍ଷ- କୃଷ୍ଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

ପ୍ରଭାତୀ ସଂସ୍କରଣ AJIKALI Morning Edition

" ଆମର ସୁପ୍ତ ଆତ୍ମାକୁ ଯେତେବେଳେ ଜାଗ୍ରତ କରାଇ ଦିଆଯିବ, ସେତେବେଳେ ସବୁକିଛି ଉତ୍କର୍ଷ ହୋଇପାରିବ ।"
- ସ୍ୱାମୀ ବିବେକାନନ୍ଦ

E-mail: ajikalibls@gmail.com
E-News : www.Ajikali epaper.com

Vol.- 41 ISSUE- 65 R.N.I. REGD. No. 44026/86 ବାଲେଶ୍ୱର ୧୮ ଜୁନ୍ ୨୦୨୬ ଗୁରୁବାର BALASORE 18 JUNE 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦







# ରାଷ୍ଟ୍ରପତି ଭବନରେ ରଜ ମହୋତ୍ସବ

## ଦୋଳି ସାଙ୍ଗକୁ ପାରମ୍ପରିକ ଖାଦ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆଦିଲ୍ଲୀ : ରାଷ୍ଟ୍ରପତି ଭବନରେ ରଜ ମହୋତ୍ସବର ଶେଷଦିନରେ ଭବ୍ୟ ଝଲକ ଦେଖିବାକୁ ମିଳିଛି । ରଜର ପାରମ୍ପରିକ ଗୀତ 'ବରଷକେ ଥରେ ଆସିଛି ରଜ ଲୋ, ଆସ ହେବା ସଜବାଜ' ଦର୍ଶକଙ୍କୁ ବିଶେଷକରି ରାଜଧାନୀ ଦିଲ୍ଲୀରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଓଡ଼ିଶା ମାଟିର ମହକ ଓ ପିଲାଦିନର ଅନୁଭୂତି ଦେଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ସର୍ବୋଚ୍ଚ ପଦରେ ଆସୀନ ହେବାପରେ ରାଷ୍ଟ୍ରପତି ଭବନରେ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଆସୁଛି । ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ରାଜ୍ୟ ବାହାରେ ଲୋକପ୍ରିୟ କରାଇବାରେ ତାଙ୍କର ବିଶେଷ ଭୂମିକା ରହିଛି । ରାଷ୍ଟ୍ରପତି ଭବନ କଲ୍‌ଚରାଲ ସେଂଟରଠାରେ ରଜ ମହୋତ୍ସବ ପାଇଁ ବିଭିନ୍ନ



ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ରାଷ୍ଟ୍ରପତି ତାଙ୍କ ପରିବାରବର୍ଗଙ୍କ ସହ ଉପସ୍ଥିତ ରହି ମହୋତ୍ସବର ଆନନ୍ଦ ନେଇଥିଲେ । ତାଙ୍କ ଦୁଇ ନାତୁଣୀ ମଧ୍ୟ ଏଥିରେ ସାମିଲ ହୋଇ ନୃତ୍ୟ କରିଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ତାଙ୍କ ପତ୍ନୀ ଓ ପରିବାର ସଦସ୍ୟ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ ମିଶ୍ର ଓ ଶକ୍ତିକାନ୍ତ ଦାସ, ସାଂସଦ ସସ୍ମିତ ପାତ୍ର, ଅପରାଜିତା ଷଡ଼ଙ୍ଗୀ ଓ ବିଭୁ ପ୍ରସାଦ ତରାଇ ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶାର ଅନେକ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ଅଧିକାରୀ ଏବଂ ଚିତ୍ରଶିଳ୍ପୀ ଯତୀନ ଦାସ, ହୌଜଖାସ ଜଗନ୍ନାଥ ମନ୍ଦିରର ସମ୍ପାଦକ ରବି ପ୍ରଧାନ, ନଏଡା ଜଗନ୍ନାଥ ମନ୍ଦିରର ସମ୍ପାଦକ ମନୋରଞ୍ଜନ ମହାନ୍ତି ଓ ତ୍ୟାଗରାଜନଗର ଜଗନ୍ନାଥ ମନ୍ଦିରର ସାଧାରଣ ସମ୍ପାଦକ କାମଦେବ ବିଶ୍ୱାଳ ମଧ୍ୟ ଉପସ୍ଥିତ ଥିଲେ । ନିଜେ ରାଷ୍ଟ୍ରପତି ତାଙ୍କ ପରିବାର ସଦସ୍ୟ ଓ ଅନ୍ୟ ପ୍ରବାସୀ ଓଡ଼ିଆମାନେ ରଜ ଦୋଳିରେ ଝୁଲିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଓ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ ।

# ଆସନ୍ତାକାଲି ପିଏମ-ଭିବିଆରୱାଇ ଅଧୀନରେ

## ୨୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୧୯ ଜୁନ୍ ୨୦୨୬ ସନ୍ଧ୍ୟା ୫ଟାରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିକାଶ ଭାରତ ରୋଜଗାର ଯୋଜନା (PM-VBRY) ଅଧୀନରେ ପ୍ରାୟ ୨୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରିବେ । ଏହି ପାଣ୍ଠି ପ୍ରଦାନ ଭାରତ ସରକାରଙ୍କ ପ୍ରମୁଖ ନିଯୁକ୍ତି-ସଂଲଗ୍ନ ପ୍ରୋତ୍ସାହନ ଯୋଜନା ଚଗ-ଠଇଜଣ କାର୍ଯ୍ୟକାରୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯାହାର ଲକ୍ଷ୍ୟ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା, ନିଯୁକ୍ତିର ଆନୁଷ୍ଠାନିକୀକରଣକୁ ପ୍ରୋତ୍ସାହିତ କରିବା, ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସାମାଜିକ ସୁରକ୍ଷା କଭରେଜକୁ ବିସ୍ତାର କରିବା । ଏହି ଯୋଜନା ପୂର୍ବରୁ ସାରା ଦେଶରେ ୧୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ସମର୍ଥନ କରିଛି । PM-VBRY ଉଭୟ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ଆନୁଷ୍ଠାନିକ ଅର୍ଥନୀତିରେ ଅଂଶଗ୍ରହଣ



କରିବାକୁ ଉତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ଯୋଜନା ଅଧୀନରେ, ପ୍ରଥମ ଥର ପାଇଁ କର୍ମଚାରୀମାନେ ୧୫,୦୦୦ ପର୍ଯ୍ୟନ୍ତ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ, ଯାହା କାର୍ଯ୍ୟଶକ୍ତିରେ ପ୍ରବେଶ କରିବା ସମୟରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରେ । ଅତିରିକ୍ତ ନିଯୁକ୍ତି ସୃଷ୍ଟି କରୁଥିବା ନିଯୁକ୍ତିଦାତାମାନେ ପ୍ରତି ଅତିରିକ୍ତ କର୍ମଚାରୀ ପାଇଁ ପ୍ରତି ମାସରେ ୩,୦୦୦ ପର୍ଯ୍ୟନ୍ତ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ, ଯାହା ଦ୍ୱାରା ନିରନ୍ତର ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରାଯାଏ । ଆର୍ଥିକ ଅଭିବୃଦ୍ଧିକୁ ଗତିଶୀଳ କରିବାରେ ଉତ୍ପାଦନର ରଣନୈତିକ ଗୁରୁତ୍ୱକୁ ସ୍ୱୀକାର କରି, ଉତ୍ପାଦନ କ୍ଷେତ୍ରରେ ନିଯୁକ୍ତିଦାତାମାନେ ଚାରି ବର୍ଷ ପାଇଁ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ, ଯେତେବେଳେ ଅନ୍ୟ ସମସ୍ତ କ୍ଷେତ୍ରର ନିଯୁକ୍ତିଦାତାମାନେ ଦୁଇ ବର୍ଷ ପାଇଁ ପ୍ରୋତ୍ସାହନ ପାଇପାରିବେ । ଏହି ଯୋଜନା ନିଯୁକ୍ତି-ନେତୃତ୍ୱାଧୀନ ଅଭିବୃଦ୍ଧି ପାଇଁ ଏକ ସକ୍ଷମ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ଆର୍ଥିକ ପ୍ରଗତିରୁ ଲାଭକୁ ଏହାର ଯୁବପିଢ଼ିଙ୍କ ପାଇଁ ଗୁଣାତ୍ମକ ଆନୁଷ୍ଠାନିକ ନିଯୁକ୍ତି ସୁଯୋଗରେ ପରିଣତ କରିବା ନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । PM-VBRY ଜଣ ୧ ଅଗଷ୍ଟ ୨୦୨୫ ରେ କାର୍ଯ୍ୟକାରୀ ହୋଇଥିଲା ।

# ଓଡ଼ିଶାରେ ସିଙ୍ଗାପୁରର ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ଗଠନ ହେବ ସୁବ୍ୟବସ୍ଥିତ ମେକାନିଜିମ୍ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବୁଧବାର



ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ୍ ୱଙ୍ଗ ଲୋକସେବା ଭବନ ଠାରେ ବୁଧବାର ସାକ୍ଷାତ କରିଛନ୍ତି । ଉଚ୍ଚସ୍ତରୀୟ ବୈଠକରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଛନ୍ତି । ଏଥିରେ ଉଭୟ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ବୈଷୟିକ ସମ୍ଭାବନାକୁ ବାସ୍ତବ ରୂପ ଦେବା ଦିଗରେ ଏକ ଦୃଢ଼ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସିଙ୍ଗାପୁରର ସହରୀ ଯୋଜନା, ସ୍ୱଚ୍ଛ ଶକ୍ତି, ବନ୍ଦର ପରିଚାଳନା, ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଥିବା ଦକ୍ଷତା ଓଡ଼ିଶାର ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଖୁବ୍ ସହାୟକ ହେବ । ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି । 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ଏକ ସ୍ୱାଭାବିକ ପାର୍ଟନର୍ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଛନ୍ତି । ଓଡ଼ିଶାର ସମୃଦ୍ଧ ପୁଞ୍ଜିନିବେଶ ଅନୁକୂଳ ପରିବେଶ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ସହାୟତା, ସିଙ୍ଗଲ୍-ୱିଣ୍ଡୋ ବ୍ୟବସ୍ଥା ଏବଂ ନିବେଶ ପ୍ରସ୍ତାବ ଉପରେ ତୁରନ୍ତ ନିଷ୍ପତି ଗ୍ରହଣର ପ୍ରତିଶ୍ରୁତି ଦେଇଥିଲେ । ଜାନୁଆରୀ ୨୦୨୫ରେ ସିଙ୍ଗାପୁରର ରାଷ୍ଟ୍ରପତି ଡକ୍ଟର ଥରମାନ ସନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ସହଯୋଗକୁ ସୁଦୃଢ଼ କରିଥିଲା । ଏହି ସମୟରେ ରାଜ୍ୟର ୫ଟି ପ୍ରମୁଖ ବିଭାଗ ମଧ୍ୟରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ୮ଟି ଗକ୍ଟରର ଅଗ୍ରଗତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାରେ ସିଙ୍ଗାପୁର'ର ନିବେଶ ତଥା ବିଭିନ୍ନ ପାର୍ଟନର୍ସିପ୍'ର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ସୁ-ବ୍ୟବସ୍ଥିତ ମେକାନିଜିମ୍ ବା Structured Engagement Mechanism ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏଥିସହିତ ସେ ଗ୍ରୀନ୍ ଏନର୍ଜି, ସହରୀ ବିକାଶ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁରର ବ୍ୟବସାୟିକ ପ୍ରତିନିଧି ଦଳକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ । ଓଡ଼ିଶାରେ ହୋଇଥିବା 'ବ୍ଲାକ୍ ସ୍ୱାନ୍ ସମିଟ୍' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଯୁବବର୍ଗଙ୍କୁ ଫିନଟ୍ରେକ୍ ଓ ଇନ୍ସିଓରଟେକ୍ କ୍ଷେତ୍ରରେ ଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

# ଜାତୀୟ ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦ର ସମୀକ୍ଷା କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜାତୀୟ ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦ ସମୀକ୍ଷା କରିଥିଲେ ଏବଂ ସିଷ୍ଟମକୁ ଆହୁରି ଉନ୍ନତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ନାଗରିକମାନଙ୍କୁ ସାଇବର ଅପରାଧ, ବିଶେଷକରି ସାଇବର ଆର୍ଥିକ ଠକେଇରୁ ତୁରନ୍ତ ମୁକ୍ତି ପ୍ରଦାନ କରିବା ପାଇଁ ପ୍ରତିଷ୍ଠିତ ବିଭିନ୍ନ ନାଗରିକ-କୈନ୍ଦ୍ରିକ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରାଯାଇଥିଲା । କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଜାତୀୟ ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦ ନାଗରିକମାନଙ୍କୁ ସାଇବର ଅପରାଧ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକୁ ସରଳ ଏବଂ ତ୍ୱରିତ ଭାବରେ ପଞ୍ଜିକରଣ କରିବାକୁ ସକ୍ଷମ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ



ଉଭା ହୋଇଛି, ବିଶେଷକରି ଆର୍ଥିକ ସାଇବର ଠକେଇ । ସେ ଗୁରୁତ୍ୱାରୋପ କରିଥିଲେ ଯେ ହେଲ୍ପଲାଇନ୍ ମାଧ୍ୟମରେ ସହାୟତା ଚାହୁଁଥିବା ପ୍ରତ୍ୟେକ ନାଗରିକଙ୍କୁ ସମୟୋଚିତ ସହାୟତା ମିଳିବା ଉଚିତ ଏବଂ କୌଣସି ଅଭିଯୋଗ ଅଣଦେଖା କିମ୍ବା ବିଚାରାଧୀନ ରହିବା ଉଚିତ୍ ନୁହେଁ । ଶ୍ରୀ ଅମିତ ଶାହ ନିର୍ଦ୍ଦେଶ ଦେଇଥିଲେ ଯେ ୧୯୩୦ ହେଲ୍ପଲାଇନ୍ ସିଷ୍ଟମକୁ ଏହାର ଦକ୍ଷତା, ପ୍ରତିକ୍ରିୟା କ୍ଷମତା ଏବଂ ସେବା ପ୍ରଦାନକୁ ଆହୁରି ଉନ୍ନତ କରିବା ପାଇଁ କୃତ୍ରିମ ବୁଦ୍ଧିମତା ସମେତ ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ ମାଧ୍ୟମରେ ବ୍ୟାପକ ଭାବରେ ଆଧୁନିକୀକରଣ ଏବଂ ଅପଗ୍ରେଡ୍ କରାଯିବା ଉଚିତ । ସେ କହିଛନ୍ତି ଯେ ଏହି ଉନ୍ନତ ବ୍ୟବସ୍ଥା ଦ୍ୱାରା ଅଭିଯୋଗ ପଞ୍ଜୀକରଣ, ବୁଦ୍ଧିମାନ କଲ୍ ରାଉଟିଂ ଏବଂ ନାଗରିକ ଅଭିଯୋଗର ପ୍ରଭାବଶାଳୀ ପରିଚାଳନାକୁ ସହଜ କରାଯିବ । କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ କହିଛନ୍ତି ଯେ ମୋଦି ସରକାର ଏକ ସୁରକ୍ଷିତ, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ନାଗରିକ-କେନ୍ଦ୍ରିକ ସାଇବର ଅପରାଧ ନିବାରଣ ଏବଂ ପ୍ରତିକ୍ରିୟା ବ୍ୟବସ୍ଥା ନିର୍ମାଣ ପାଇଁ ପ୍ରତିବଦ୍ଧ । ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକରେ କାର୍ଯ୍ୟ କରୁଥିବା ୧୯୩୦ କଲ୍ ସେଂଟରଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା ଏବଂ ଭିତିଭୂମି ଦୃଷ୍ଟିରୁ ଆହୁରି ମଜବୁତ କରାଯିବା ଉଚିତ । ଗୃହ ମନ୍ତ୍ରଣାଳୟ ହାର୍ଡୱେୟାର ଏବଂ ପ୍ରଯୁକ୍ତିବିଦ୍ୟା ଅପଗ୍ରେଡ ପାଇଁ ଆବଶ୍ୟକୀୟ ସହାୟତା ଯୋଗାଇବ, ଯେତେବେଳେ ଅଭିଯୋଗଗୁଡ଼ିକର ସମୟସୀମା ସମାଧାନକୁ ସହଜ କରିବା ପାଇଁ ଏହି କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ମାନବସମ୍ବଳ ନିଶ୍ଚିତ କରିବାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ଅନୁରୋଧ କରାଯିବ ।

## ଅଳ୍ପରେ ଖବର

- ପବିତ୍ର ବସୁମତୀ ସ୍ନାନ ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।
- ସାହିତ୍ୟିକ ସ୍ୱର୍ଗତ ନିତ୍ୟାନନ୍ଦ ମହାପାତ୍ରଙ୍କୁ ନମନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।
- ପ୍ରସିଦ୍ଧ ଶୀତଳଷଷ୍ଠୀ ପାଇଁ ଆସନ୍ତା ୨୦ ତାରିଖରେ ସମ୍ବଲପୁରରେ ସରକାରୀ ଛୁଟି ଘୋଷଣା କରାଯାଇଛି । ଶୀତଳଷଷ୍ଠୀ ପାଇଁ ଜିଲ୍ଲାର ସବୁ ସରକାରୀ ଅଫିସ୍ ଛୁଟି ରହିବ ।

# ଓଡ଼ିଶାରେ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀର ବିକାଶ ନେଇ ରାଜ୍ୟସ୍ତରୀୟ କର୍ମଶାଳାରେ ଅଧ୍ୟକ୍ଷତା କଲେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର : ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜି ଭୁବନେଶ୍ୱର ସ୍ଥିତ ଲୋକସେବା ଭବନଠାରେ 'ଓଡ଼ିଶାରେ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀର ବିକାଶ' ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳାରେ ଅଧ୍ୟକ୍ଷତା କରିଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଯୋଜନା 'ଏକ ରାଜ୍ୟ - ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ' ଅଧୀନରେ ପ୍ରତ୍ୟେକ ରାଜ୍ୟରେ ଅତିକମରେ ଗୋଟିଏ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ବିକଶିତ କରିବା ପାଇଁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ସଙ୍କଳ୍ପ ଅନୁଯାୟୀ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଏହି ଅବସରରେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ, ଜିଲ୍ଲା ପ୍ରଶାସନ, ଶିଳ୍ପ ଜଗତର ପ୍ରତିନିଧି ଏବଂ ପର୍ଯ୍ୟଟନ ବିଶେଷଜ୍ଞମାନଙ୍କୁ ସମ୍ବୋଧିତ କରି



ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି, ରୋଜଗାର ସୃଷ୍ଟି, ଉଦ୍ୟୋଗିତା ବିକାଶ ଏବଂ ଆଂଚଳିକ ସମୃଦ୍ଧି କ୍ଷେତ୍ରରେ ପର୍ଯ୍ୟଟନ ଏକ ପ୍ରମୁଖ ମାଧ୍ୟମ ସାଜିବାର ସମସ୍ତ ସାମର୍ଥ୍ୟ ରଖିଛି । ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବିଶ୍ୱସ୍ତରୀୟ ଭିତିଭୂମି, ଉତ୍କୃଷ୍ଟ ସେବା ଓ ପର୍ଯ୍ୟଟକମାନଙ୍କୁ ଅନନ୍ୟ ଅନୁଭୂତି ପ୍ରଦାନ କରି ଆନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତାମୂଳକ କରିବା ପାଇଁ ସମସ୍ତ ସଂଶ୍ଳିଷ୍ଟ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ମିଳିତ ପ୍ରୟାସ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି । ଉପ-ମୁଖ୍ୟମନ୍ତ୍ରୀ ସମସ୍ତ ସମ୍ପୃକ୍ତ ବିଭାଗକୁ ପର୍ଯ୍ୟଟନ ବିଭାଗ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଏବଂ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ପାଇଁ 'ମିଶନ-ମୋଡ୍' ରେ ଆଗକୁ ବଢ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ପର୍ଯ୍ୟଟନର ଅଭିବୃଦ୍ଧି ସହ ପରିବେଶ ସଂରକ୍ଷଣ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଅଂଶଗ୍ରହଣ ମଧ୍ୟରେ ସନ୍ତୁଳନ ରକ୍ଷା କଲାଭଳି ନିର୍ଦ୍ଦିଷ୍ଟ ପର୍ଯ୍ୟଟନ ସ୍ଥଳୀଭିତିକ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି ।

# ଭଦ୍ରକରେ ଆଂଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ ଆୟୋଜିତ

## ଜନକଲ୍ୟାଣକାରୀ ଯୋଜନାକୁ ଗଣମାଧ୍ୟମ ପାଖରେ ପହଂଚାଇବାରେ ବାର୍ତ୍ତାଳାପର ଭୂମିକା ଗୁରୁତ୍ୱପୂର୍ଣ୍ଣ : ପିଆଇବି ଏଡିଜି

ଭୁବନେଶ୍ୱର : ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ଆଜି ଭଦ୍ରକଠାରେ ଆଂଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ




ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଶ୍ରୀ ଅଖିଳ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ସବୁଠାରୁ ଦୀର୍ଘ ଅବଧି ଧରି ଦେଶର ପ୍ରଧାନମନ୍ତ୍ରୀ ରୂପେ ରହିବାର ରେକର୍ଡ କରିଥିବାରୁ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଅନ୍ୟତମ ପ୍ରମୁଖ ଆର୍ଥିକ ମହାଶକ୍ତିରେ ପରିଣତ ହୋଇଛି । ଗତ ୧୨ ବର୍ଷ ମଧ୍ୟରେ ଭାରତୀୟ ଅର୍ଥବ୍ୟବସ୍ଥା ଏକାଦଶ ସ୍ଥାନରୁ ଉଠି ଚତୁର୍ଥ ସ୍ଥାନରେ ପହଂଚିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶର ଦ୍ରୁତ ଆର୍ଥିକ ଓ ସାମାଜିକ ବିକାଶ ହୋଇଛି । ଏହି ବିକାଶ ପ୍ରକ୍ରିୟାରେ ଗଣମାଧ୍ୟମ ପ୍ରମୁଖ ଅଂଶୀଦାର ବୋଲି ସାଂସଦ ଶ୍ରୀ ସେଠୀ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର କହିଥିଲେ, ଗଣତନ୍ତ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଲୋକଙ୍କ ପାଖରେ ପହଂଚିବା ଏବଂ ସାମାଜିକ ପରିବର୍ତ୍ତନ ଆଣିବାରେ ଗଣମାଧ୍ୟମ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ୨୫ କୋଟି ଲୋକଙ୍କୁ ଉତ୍କଟ ଦାରିଦ୍ର୍ୟରୁ ମୁକ୍ତ କରିଛନ୍ତି । ୪ କୋଟିରୁ ଅଧିକ ଲୋକଙ୍କୁ ପିଏମ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଛି । ସେହିପରି ୧୧ କୋଟି ପରିବାରକୁ ଉଜ୍ଜ୍ୱଳା ଯୋଜନାରେ ମାଗଣା ଏଲପିଜି ଗ୍ୟାସ ସଂଯୋଗ ମିଳିଛି । ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଏବଂ ଟ୍ରିପଲ ତଲାକ ଭଳି ସାମାଜିକ କୁପ୍ରଥା ଦୂର କରାଯାଇଛି । ଏହା ଦେଶ ପାଇଁ ଐତିହାସିକ ଉପଲବ୍ଧି ବୋଲି ବିଧାୟକ କହିଥିଲେ ।

# ରାଜ୍ୟସରକାରଙ୍କ ଘୋଷଣା ଓ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ



ବାଲେଶ୍ୱର(ନିପ୍ର): ଗତ ୧୯୯୮ ମସିହା ଠାରୁ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବାଲିଆପାଳର ଚଉମୁଖ-ଡଗରାକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ତୁରନ୍ତ ବିକାଶ କରାଯାଉ ବୋଲି ଦାବିକରି ସେଇ ଅ□ଳର ଶତାଧିକ ନରନାରୀ ବୁଧବାର ଦିନ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଦେଇଥିଲେ । ଏହି ଧାରଣାସ୍ଥଳ ସଭାରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁବାସ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ । ଉକ୍ତ ଗଣଧାରଣା ସ୍ଥଳରେ ବିଭିନ୍ନ ରାଜନୈତିକ ଦଳ ତଥା ଗଣ ସଂଗଠନର ନେତୃବୃନ୍ଦ ଉଦ୍‌ବୋଧନ ଦେଇ କହିଥିଲେ କି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିଠି ନଂ ୨୦୪୦/୭୫ ତା ୨୬-୦୨-୧୯୯୮ ରିଖ ମାଧମରେ ଚଉମୁଖ-ଡଗରା ବେଳାଭୂମିକୁ ଏକ ପର୍ଯ୍ୟଟନ କ୍ଷେତ୍ରଭାବେ ସ୍ୱୀକୃତି ଦେଇଥିଲାବେଳେ ଦୀର୍ଘବର୍ଷ ଧରି ଏଥିପାଇଁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ବକ୍ତାମାନେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ । ବିସ୍ତୀର୍ଣ୍ଣ ବେଳାଭୂମି, ଝାଉଁ ଓ ହେନ୍ତାଳ ବଣର ମନୋରମ ପ୍ରାକୃତିକ ସବୁଜିମା, ଜୈବ ବିବିଧତା, ନାଲି ଓ ନୀଳରକ୍ତ କଙ୍କଡ଼ାର ଚାରଣଭୂଇଁ ଏବଂ ବିରଳ ଅଲିଭ୍ ରିଡ୍‌ଲେ କଇଁଚଙ୍କ ଅଣ୍ଡାଦେବା ସ୍ଥଳୀ ହୋଇଥିବାରୁ ଏହି ଅଂଚଳ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ସ୍ଥାନୀୟ ଅ□ଳବାସୀ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । କିନ୍ତୁ ଅତୀତ ଓ ବ□ମାନର ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ପାଇଁ ଦୀର୍ଘବର୍ଷ ଧରି ଏହା ଅବହେଳିତ ହୋଇ ଏବଂ ଘୋଷଣାସର୍ବସ୍ୱ ହୋଇ ରହିଛି । ଏହି ଅ□ଳର ବିକାଶ ହେଲେ ସ୍ଥାନୀୟ ଅଧିବାସୀ ଓ ରାଜ୍ୟ ସରକାରଙ୍କର ଆର୍ଥିକ ସମ୍ବଳ ବୃଦ୍ଧି ପାଇବ ବୋଲି ସେମାନେ କହିଥିଲେ । ଗତ ୨୦୨୪ ଡିସେମ୍ବର ୧୭ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା ଜନଶୁଣାଣିର ବିବରଣୀ ପ୍ରକାଶ ପାଇଁ ସେମାନେ ଦାବି କରିଥିଲେ । ଧାରଣାସ୍ଥଳରୁ ଅନୁଜ ମହାପାତ୍ର, ନାରାୟଣ ଖଟୁଆ, ଅନୁପ ମହାନ୍ତି, କନକଲତା ଦେ, କୁନି ମଣ୍ଡଳ, ଜୟନ୍ତୀ ଖଟୁଆ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କୁ ସାକ୍ଷାତ କରି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଚଉମୁଖ-ଡଗରା ଅ□ଳକୁ ରାଜ୍ୟ ସରକାରଙ୍କ ନିଷ୍ପ□ ଓ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ପର୍ଯ୍ୟଟନ କ୍ଷେତ୍ରଭାବେ ବିକାଶ କରିବାକୁ ସେମାନେ ଦାବି କରିଥିଲେ । ଏତଦ୍‌ଭିନ୍ନ ସୁବର୍ଣ୍ଣରେଖା ନଦୀଗର୍ଭରେ ଲୀନ ହୋଇଯାଉଥିବା ଅ□ଳକୁ ରକ୍ଷା କରିବା ପାଇଁ ପଥରବନ୍ଧ ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଏହି ଗଣଧାରଣାରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ଉପସଭାପତି ରମଣୀ ରଞ୍ଜନ ମଣ୍ଡଳ ଓ ଲକ୍ଷ୍ମୀକାନ୍ତ ଖଟୁଆ, କମିଟିର ଆବାହକ ଅରୁଣ ଜେନା, ଚଉମୁଖ ଗ୍ରାମବାସୀଙ୍କ ପକ୍ଷରୁ ରାଜେଶ ଚୌଧୁରୀ ଓ କୁଶଧ୍ୱଜ ଜେନା ପ୍ରମୁଖଙ୍କ ସମେତ ସି.ପି.ଆଇର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ସି.ପି.ଆଇ(ଏମ୍)ର ଜିଲ୍ଲା ସଂପାଦକ ଶିଶିର ହୁଇ ଓ ନିର୍ମଳ ନାୟକ, ଏସ୍.ୟୁ.ସି.ଆଇର ଯୁବନେତା ପ୍ରଶାନ୍ତ ଦାସ, କଂଗ୍ରେସର ନେତା ବିଜନ ନାୟକ, ବିଜେଡ଼ି ନେତା ମନ୍ମଥ ଗିରି, ଅଲ୍ ଇଣ୍ଡିଆ ଫରୱାଡ୍ ବ୍ଲକ୍‌ର ଜିଲ୍ଲା ସଂପାଦକ ଲକ୍ଷ୍ମୀଧର ଗିରି, ଜେ.ଏମ୍.ଏମ୍ ଜିଲ୍ଲା ସଭାପତି କମଳଲୋଚନ ବାରିକ, ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା, ସେକ୍ ଇସ୍‌ଲାମ୍ ଓ ତୁଷାରକାନ୍ତି ମହାପାତ୍ର, ବର୍ଷୀୟାନ୍ ବାମପନ୍ଥୀ ନେତା ଗୌରାଙ୍ଗ ପାଣିଗ୍ରାହୀ, ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ସାମାଜିକ କର୍ମୀ ସାଧୁ ମଲ୍ଲିକ୍, କମଳାକାନ୍ତ ଜେନା, ବିନୋଦ କର, ତପନ ଜେନା, କାର୍ତ୍ତିକ ପାତ୍ର, କାହ୍ନୁଚରଣ ବିଶ୍ୱାଳ ଓ ଶୁକଦେବ ମଣ୍ଡଳ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ଥାନୀୟ ଅଂଚଳର ବିକାଶ ଦିଗରେ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ ।

# ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ: ବାଲେଶ୍ୱର ଟାଉନ କଂଗ୍ରେସ

ବାଲେଶ୍ୱର(ନିପ୍ର): ରାଜ୍ୟରେ ଡବଲ୍ ଇଞ୍ଜିନ ସରକାରଙ୍କ ଦୁଇ ବର୍ଷର ଶାସନକୁ "ବିଫଳତାର ଦୁଇ ବର୍ଷ" ବୋଲି ଅଭିହିତ କରିଛି ବାଲେଶ୍ୱର ଟାଉନ କଂଗ୍ରେସ କମିଟି । ଏନେଇ ବୁଧବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟାଉନ କଂଗ୍ରେସ ସଭାପତି ଅନୁପ କୁମାର ସ୍ୱାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତି ଓ କାର୍ଯ୍ୟକଳାପକୁ କଡ଼ା ସମାଲୋଚନା କରିଥିଲେ । ଶ୍ରୀ ସ୍ୱାଇଁ କହିଥିଲେ ଯେ, ରାଜ୍ୟରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି । ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣା ଯୋଗୁଁ ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଛନ୍ତି । ସେହିପରି ଦାଦନ ଶ୍ରମିକ ସମସ୍ୟାରେ ଓଡ଼ିଶା ଦେଶରେ ଶୀର୍ଷ ସ୍ଥାନରେ ଥିବା ଚିନ୍ତାଜନକ ବୋଲି ସେ କହିଥିଲେ । ନାରୀ ସୁରକ୍ଷା ପ୍ରସଙ୍ଗ ଉଠାଇ ସେ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ମହିଳାମାନେ ନ୍ୟାୟ ପାଉନାହାନ୍ତି । ଚାଷୀମାନଙ୍କ ଧାନ କ୍ରୟ ସମୟରେ କଟନି-ଛଟନି ବନ୍ଦ କରିବାର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ବାସ୍ତବରେ ପ୍ରତି କ୍ୱିଂଟାଲ ଧାନରୁ ୯ରୁ ୧୦ କିଲୋଗ୍ରାମ ପର୍ଯ୍ୟନ୍ତ କଟାଯାଉଥିବା ସେ ଦାବି କରିଥିଲେ । ବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କ ଭତା ବୃଦ୍ଧି ପ୍ରତିଶ୍ରୁତି ଦୁଇ ବର୍ଷ ମଧରେ ପୂରଣ ହୋଇନଥିବାକୁ ସେ ସରକାରଙ୍କ ବିଫଳତା ବୋଲି କହିଥିଲେ । ଅନେକ ହିତାଧିକାରୀ ତିନି ମାସର ଭତା ପାଇନଥିବାରୁ ଔଷଧ କିଣିବାରେ ଅସୁବିଧା ଭୋଗୁଥିବା ଓ କେତେକ କ୍ଷେତ୍ରରେ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଥିବା ସେ ଅଭିଯୋଗ କରିଥିଲେ । ବାଲେଶ୍ୱର ପୌରପରିଷଦକୁ ମହାନଗର ନିଗମ ମାନ୍ୟତା ନ ମିଳିବା, ଲଘୁ ଖଣିଜ ପଦାର୍ଥର ଚୋରା ଚାଲାଣ, ଚିଟଫଣ୍ଡ ଟଙ୍କା ଫେରସ୍ତ ପ୍ରତିଶ୍ରୁତି ପୂରଣ ନ ହେବା ଏବଂ ୩୦୦ ୟୁନିଟ ମାଗଣା ବିଦ୍ୟୁତ ପ୍ରତିଶ୍ରୁତି ବଦଳରେ ସ୍ମାର୍ଟ ମିଟର ମାଧମରେ ଜନସାଧାରଣଙ୍କ ଉପରେ ଆର୍ଥିକ ବୋଝ ବଢ଼ାଯାଉଥିବା ନେଇ ମଧ ସେ ସରକାରଙ୍କୁ ସମାଲୋଚନା କରିଥିଲେ । ଫକୀର ମୋହନ ସେନାପତିଙ୍କ ଭଳି ଓଡ଼ିଆ ଭାଷାର ମହାନ ବ୍ୟକ୍ତିତ୍ୱଙ୍କୁ ଅପମାନ କରାଯାଇଥିବା ଓ ଓଡ଼ିଆ ଅସ୍ମିତାକୁ ଅବହେଳା କରାଯାଇଥିବା ଅଭିଯୋଗ ମଧ ସେ କରିଥିଲେ । ଶିଳ୍ପାୟନ, ସୁବର୍ଣ୍ଣରେଖା ଯୋଜନା ଏବଂ କୋଷ୍ଟ କେନାଲ ପୁନରୁଦ୍ଧାର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ମଧ ଅଗ୍ରଗତି ହରାଇଥିବା ସେ କହିଥିଲେ । ଶେଷରେ, ରାଜ୍ୟ ସରକାରଙ୍କ ଏହି ସମସ୍ତ ବିଫଳତା ବିରୋଧରେ ବାଲେଶ୍ୱର ଟାଉନ କଂଗ୍ରେସ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ତୀବ୍ର କରିବ ବୋଲି ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ ।

# ମଙ୍ଗୁଭାଇଙ୍କ ଷଷ୍ଠ ପୂଣ୍ୟତିଥି ପାଳିତ





ବାଲେଶ୍ୱର(ନିପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ଜନପ୍ରିୟ ଜନନେତା ସ୍ୱର୍ଗତ ମଦନ ମୋହନ ଦତ (ମଙ୍ଗୁ ଭାଇ)ଙ୍କ ଷଷ୍ଠ ପୁଣ୍ୟତିଥି ଅବସରରେ ବୁଧବାର ବାଲେଶ୍ୱରରେ ବିଭିନ୍ନ ସ୍ମୃତିଚାରଣ ଓ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ସହରର ଓଟି ରୋଡ୍ ସ୍ଥିତ ଶୋଭାରାମପୁର ଛକରେ ଥିବା ସ୍ୱର୍ଗତ ଦତଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା । ସଦର ବିଧାୟକ ମାନସ କୁମାର ଦତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗୁ ଭାଇ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ରେମୁଣା ବିଧାୟକ ଓ ରାଜ୍ୟ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୌରାଧ୍ୟକ୍ଷା ସବିତା ସାହୁ, ବାଲେଶ୍ୱର ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜିବ ଗିରି, ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ, ଓରିପ୍ଲାଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଜୟ କୁମାର ଡାଭେ, ଲାୟନ୍ସ କ୍ଲବ ସଭାପତି ଶିବୁ ପୋଦାର, ବ୍ୟବସାୟୀ ଭଗବାନ ଗୁପ୍ତା ଓ ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବକ୍ତାମାନେ ସ୍ୱର୍ଗତ ମଙ୍ଗୁ ଭାଇଙ୍କ ଜନସେବା, ରାଷ୍ଟ୍ରବାଦୀ ଚିନ୍ତାଧାରା ଏବଂ ସାଧାରଣ ଲୋକଙ୍କ ପ୍ରତି ତାଙ୍କ ଅସୀମ ଭଲପାଇବାକୁ ସ୍ମରଣ କରିଥିଲେ । ତୃଣମୂଳ ସ୍ତରର ଲୋକଙ୍କ ସେବା ଓ ସମସ୍ୟାର ସମାଧାନ ପ୍ରତି ତାଙ୍କର ନିଷ୍ଠା ତାଙ୍କୁ ଜନନେତାରେ ପରିଣତ କରିଥିବା ବେଳେ, ସେ କେବଳ ଜଣେ ରାଜନେତା ନୁହେଁ ବରଂ ସମସ୍ତଙ୍କ ପ୍ରିୟ "ମଙ୍ଗୁ ଭାଇ" ଭାବେ ପରିଚିତ ଥିଲେ ବୋଲି ମତ ପ୍ରକାଶ ପାଇଥିଲା । ତାଙ୍କ ଆଦର୍ଶ ଓ ଜନସେବାର ଧାରାକୁ ଆଗେଇ ନେବାରେ ସଦର ବିଧାୟକ ମାନସ ଦତ ସଫଳତାର ସହ କାର୍ଯ୍ୟ କରୁଥିବା ବକ୍ତାମାନେ କହିଥିଲେ ।ଏହି ଅବସରରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଏକାଧିକ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା । ସେହିପରି ଅର୍ଥାଭାବ ଯୋଗୁଁ ଶିକ୍ଷାଗ୍ରହଣରେ ସମସ୍ୟା ଭୋଗୁଥିବା ଜଣେ ଛାତ୍ରଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ମଧ ପ୍ରଦାନ କରାଯାଇଥିଲା ।ମଙ୍ଗୁ ଭାଇ ସ୍ମୃତି କମିଟିର ଅଧକ୍ଷା ତଥା ସମାଜସେବୀ ଅଞ୍ଜଳି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାକୁ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ପରିଚାଳନା କରିଥିବା ବେଳେ ଶେଷରେ ଗୌରାଙ୍ଗ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପରବର୍ତୀ ସମୟରେ ସ୍ଥାନୀୟ ରାଜସ୍ଥାନ ଭବନ ପରିସରରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଉଦ୍‌ଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।


# OFFICE OF THE BALASORE MUNICIPALITY, BALASORE.

No. 13001/892/2627

No. 4380 / Date: 11-06/2026/

**E-Procurement Notice**

**BID Identification No. BM_09_2026_27**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil works as mentioned in DTCN
2. No. of works : 01 No.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 12-06-2026 to 29-06-2026
6. Last date and time for receipt : 29-06-2026 up to 5.00 pm
7. Bids received online shall be opened on : 30-06-2026 from 11.00 am onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.

OIPR. 13001/13154/1/26-27/0012

Sd/-
Executive Officer
Balasore Municipality


# ତିରିଖି ସରପଂଚ ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଚାର ବିଭାଗୀୟ ତଦନ୍ତ ଦାବି




ବାଲେଶ୍ୱର(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍‌ର ତିରିଖି ପଂଚାୟତର ସରପଂଚ ସୁଶ୍ରୀ ଚାମେଲି ଓଝାଙ୍କ ବିରୋଧରେ ବିଡିଓ ଏବଂ ପୋଲିସ୍‌ର ଆଚରଣକୁ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଏହି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ସୋସାଇଟି ପକ୍ଷରୁ ଦାବି କରାଯାଇଛି । ରାଜ୍ୟ ସରକାର ଦୁଇବର୍ଷର ପୂର୍ତି ଉତ୍ସବ ପାଳନ କରୁଥିବାବେଳେ ଜଣେ ନିର୍ବାଚିତ ମହିଳ ପ୍ରତି ସ୍ଥାନୀୟ ପ୍ରଶାସନ ଓ ପୋଲିସର ବ୍ୟବହାର ସମସ୍ତ ସୀମା ଟପିଯାଇଛି ବୋଲି ମତ ପ୍ରକାଶ ପାଇଛି ସରପଂଚଙ୍କ ଉଚ୍ଛି । ଚାମେଲି ଓଝାଙ୍କ ଲିଖିତ ଅଭିଯୋଗକୁ ଭିତିକରି ତଦନ୍ତ କରାଯାଇ ଦୋଷୀ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ଜଣେ ଦୁଇଜଣଙ୍କୁ ଗିରଫ କରି ପୋଲିସ୍ ନିଜର ଭାବମୂର୍ତି ସଜାଡ଼ିବାକୁ ଚେଷ୍ଟା କରୁଛି । କିନ୍ତୁ ଅଭିଯାଗପତ୍ରରେ ଥିବା ସମସ୍ତ ଅପରାଧିଙ୍କୁ ଗିରଫ କରି ତଦନ୍ତ ପରିସରଭୁକ୍ତ କରିବାକୁ ସିଭିଲ୍ ସୋସାଇଟି ଦାବି କରିଛି । ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ଘରୋଇ ବିଭାଗ ରାଜ୍ୟରେ ଆଇନ ଶୃଙ୍ଖଳା ପ୍ରତି ଧ୍ୟାନ ଦେବାକୁ ବୈଠକରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ଉଠାଜଳ ସେ ସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧକ୍ଷତା କରିଥିଲେ । ସାଧାରଣ ସଂପାଦକ ମନୋଜ ନାୟକ ପ୍ରସଙ୍ଗ ଉପରେ । ଆଲୋକପାତ କରି ରାଜ୍ୟରେ ଆଇନ ଶୃଙ୍ଖଳା ବିଗିଡ଼ିବାରେ ଲାଗିଛି ବୋଲି କହିଥିଲେ । ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶ୍ରମିକ ମିକନେତା ଶ୍ୟାମସୁନ୍ଦର ଜେନା, ଭରତ ଚନ୍ଦ୍ର ସେଠୀ ଓ ପୂର୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପୁରସ୍ତମ ବେହେରା ସମ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବାଲେଶ୍ୱର ଆନନ୍ଦବଜାର ଅଂଚଳରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



ବାଲେଶ୍ୱର(ନିପ୍ର): ବାଲେଶ୍ୱର ସହଦେବଖୁଂଟା ଥାନା ଅନ୍ତର୍ଗତ ଆନନ୍ଦବଜାର ଅଂଚଳରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ଗତ ୧୩ ତାରିଖ ସନ୍ଧ୍ୟା ସମୟରେ ସ୍ଥାନୀୟ ଲୋକେ ଜଣେ ବ୍ୟକ୍ତିଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ । ଖବର ପାଇ ସହଦେବଖୁଂଟା ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ପରିଚୟ ମିଳିନଥିବାରୁ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଛି । ପରବର୍ତୀ ଚିହ୍ନଟ ପାଇଁ ମୃତଦେହକୁ ୯୬ ଘଂଟା ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇଛି । ମୃତକଙ୍କ ବୟସ ପ୍ରାୟ ୬୫ ବର୍ଷ ହୋଇଥିବା ଅନୁମାନ କରାଯାଉଛି । ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ଯଦି କୌଣସି ବ୍ୟକ୍ତି ମୃତକଙ୍କ ପରିଚୟ ସମ୍ପର୍କରେ ସୂଚନା ଜାଣିଥାନ୍ତି, ତେବେ ନିକଟସ୍ଥ ଥାନା କିମ୍ବା ସହଦେବଖୁଂଟା ଥାନା ସହ ଯୋଗାଯୋଗ କରିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି ।


**AFFIDAVIT**

By virtue of an affidavit sworn before the Executive Magistrate, Balasore on 24/04/2026,1 Manju Soren , At- Angaragadia, PO- Isaan Nagar , PS-Industrial, Dist-Balasore, Pin-756001,Odisha declare that my son name is Prasanta Soren(15) as per birth certificate. But in Aadhar card it wrongly mentioned as Paltan soren ? Henceforth he shall be known as Prasanta soren for all purposes .

**Sd/-**
**Manju soren**



No. 13001/893/2627

**OFFICE OF THE MUNICIPALITY COUNCIL, BALASORE**

**No. 4377 / Date. 11.06.2026**

**Invitation for Bids**

**Tender Reference No. BM_08_2026-27**

**Tender Call Notice No. 4293 / Dated: 06-06-2026**

The Executive Officer, Balasore Municipality, Balasore invities Percentage rate basis bids only "ON-LINE" in conformity with the detailed tender call notice to be eventually drawn up in Municipality Agreement form for execution of the works as detailed in the table below from Municipal contractors and eligible class of contractors and eligible class of contractors registered with the state Government duly registered on production of definite proof from the appropriate authority. The bidders may submit bids for any or oil of the following works separately as per their eligibility.

**ADDENDUM**

In connection to DTNC No. 4293 / Date: 06-06-2026 the following project is hereby to above NIT & DTCN.

| Sl No | Name of Work | Estimated Cost (with GST) | Amount (Without GST) Put to tender | Cost of Tender Paper Including (in Rs.) | EMD | Time of Completion (in days) | Class of Contractor |
|---|---|---|---|---|---|---|---|
| 133 | CONSTRUCTION OF PROTECTION WALL & ROAD AT CHAULIA SAHI NEAR AKSHYA BEHERA RES IN WARD NO-11 | 8,90,000 | 7,54,237 | 4,000 | 7,542 | 60 | D or Equivalent |
| 134 | CONSTRUCTION OF COMMUNITY CENTRE AT BATESWAR IN WARD NO_14 | 10,54,600 | 8,93,729 | 4,000 | 8,937 | 60 | D or Equivalent |
| 135 | CONSTRUCTION OF ROAD AND BOTH SIDE DRAIN FROM KARUNA MANGAL HOUSE TO KAIBARTA MANDAP IN WARD NO_03 | 12,07,316 | 10,23,149 | 6,000 | 10,231 | 60 | D or Equivalent |
| 136 | CONSTRUCTION OF PAVER BLOCK ROAD AND DRAIN FROM TUKU HOUSE TO RANJITA BHOI HOUSE, SAHANILANE IN WARD NO 05 | 13,54,684 | 11,48,037 | 6,000 | 11,480 | 60 | D or Equivalent |
| 137 | CONSTRUCTION OF PAVER BLOCK ROAD AND DRAIN FROM MALIK BABU HOUSE TO TRIBUBHABAN DAS HOUSE IN WARD NO_23 | 15,59,554 | 13,21,656 | 6,000 | 13,217 | 60 | D or Equivalent |
| 138 | CONSTRUCTION OF MAHANAL DRAIN FROM BALU BAZAR CHHAK ? NO ROZA TO KALI MANDAP IN WARD NO 4 AND 6 | 23,98,000 | 20,32,203 | 6,000 | 20,322 | 60 | C or Equivalent |
| 139 | CONSTRUCTION OF 1ST FLOOR OF PATHANA MAHALA SCHOOL IR WN 04 | 25,00,000 | 21,18,644 | 6,000 | 21,186 | 60 | C or Equivalent |

All other terms and conditions shall be remain unchanged.

OIPR. 13001/13154/1/26-27/0013

Sd/-
Executive Officer
Balasore Municipality

# ସୋଲାର ପ୍ୟାନେଲ ସ୍ଥାପନା କ୍ଷେତ୍ରରେ ଅଗ୍ରଣୀ ବାଲେଶ୍ୱର : ଜିଲ୍ଲାରେ ସ୍ଥାପନ ହୋଇଛି ୧୦ହଜାରରୁ ଅଧିକ ରୁଫଟପ୍ ସୋଲାର୍



ବାଲେଶ୍ୱର, ୧୭/୬ : ସୌର ଶକ୍ତିର ବିନିଯୋଗ ତଥା ସୌର ପ୍ୟାନେଲ ସ୍ଥାପନା କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ଭାବେ ବାଲେଶ୍ୱର ରାଜ୍ୟ ସ୍ତରରେ ଗୌରବ ହାସଲ କରିଛି । 'ପିଏମ୍ ସୂର୍ଯ୍ୟ ଘର: ମୁଫତ ବିଜୁଳି ଯୋଜନା' ଅଧୀନରେ ବାଲେଶ୍ୱର ଜିଲ୍ଲାରେ ୧୦ହଜାରରୁ ଅଧିକ ରୁଫଟପ୍ ସୋଲା(ଆରଟିଏସ) ସ୍ଥାପନା ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲା ପରେ ବାଲେଶ୍ୱର ରାଜ୍ୟରେ ଏହି ମାଇଲଖୁଂଟ ହାସଲ କରିଛି । ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୨୨ ମେଗାୱାଟ କ୍ଷମତା ସହ ୧୦,୦୫୨ଟି ଆରଟିଏସ ସ୍ଥାପନା ହୋଇଥିବା ସୂଚନା ମିଳିଛି । ବାଲେଶ୍ୱର ବୈଦ୍ୟୁତିକ ମଣ୍ଡଳ ଅନ୍ତର୍ଗତ ସୋର ଡିଭିଜନରେ ୩,୦୮୯ଟି ଆରଟିଏସ ସ୍ଥାପନା ହୋଇଥିବାବେଳେ ସିଇଡିରେ ୨୧୭୫, ଜଳେଶ୍ୱରରେ ୧୮୪୦, ବସ୍ତାରେ ୧୬୦୧ ଓ ବିଇଡିରେ ୧୩୪୭ଟି ସୋଲାର ବ୍ୟବସ୍ଥା ପିଏମ୍ ସୂର୍ଯ୍ୟ ଘର ଓ ୟୁଏଲଏ ମଡେଲ ଅଧୀନରେ ସ୍ଥାପନା କରାଯାଇଛି । ବାଲେଶ୍ୱର ବ୍ୟତୀତ ବାରିପଦା ମଣ୍ଡଳରେ ୫୮୩୯, ଯାଜପୁରରେ ୪୮୪୩, କେନ୍ଦୁଝରରେ ୩୪୧୦ ଓ ଭଦ୍ରକରେ ୩୪୦୪ ଜଣ ଉପଭୋକ୍ତା ପିଏମ ସୂର୍ଯ୍ୟ ଘର ଯୋଜନା ଅଧୀନରେ ସୌର ପ୍ୟାନେଲ ସ୍ଥାପନା କରିଛନ୍ତି । ପିଏମ୍ ସୂର୍ଯ୍ୟ ଘର: ମୁଫତ ବିଜୁଳି ଯୋଜନା ଅଧୀନରେ, ରାଜ୍ୟରେ ୧କିଲୋୱାଟ ୟୁଏଲଏ ଓ ୧କିଲୋୱାଟରୁ ଅଧିକ ଅଣ-ୟୁଏଲଏ ସୋଲାର ବ୍ୟବସ୍ଥା ସ୍ଥାପନା ଉପରେ ଉପଭୋକ୍ତାଙ୍କ ପାଇଁ ସରକାରଙ୍କ ତରଫରୁ ଆକର୍ଷଣୀୟ ସବସିଡି ସୁବିଧା ରହିଛି । ଯୋଗ୍ୟ ଉପଭୋକ୍ତା ମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧,୩୮,୦୦୦ଟଙ୍କା ପର୍ଯ୍ୟନ୍ତ ସବସିଡିର ଲାଭ ଉଠାଉଛନ୍ତି । ଯାହାକି ଉପଭୋକ୍ତାଙ୍କ ପାଇଁ ଲାଭଦାୟକ ହେବା ସହ ସ୍ଥାପନା ଖର୍ଚ୍ଚକୁ ବେଶ୍ କମାଇବାରେ ସହାୟକ ହେଉଛି । ସେହିପରି ଟିପିଏନଓଡ଼ିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ସୁବିଧାରେ ସେବା ଯୋଗାଇବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ନେଟ୍ ମିଟର୍ ଉପଲବ୍ଧତା, ସମୟୋପଯୋଗୀ ନିରୀକ୍ଷଣ ଓ ସ୍ଥାପନା, ଭେଣ୍ଡର୍ ପଞ୍ଜିକରଣକୁ ସହଜ ଓ ସୁବିଧାଜନକ କରାଯାଇଛି । 'ମୋ ଛାତ, ମୋ ସଂଚୟ' ଅଭିଯାନ ଭଳି ଟିପିଏନଓଡ଼ିଏଲର ଅଭିନବ ପଦକ୍ଷେପ ବାଲେଶ୍ୱର ତଥା ଅନ୍ୟ ଜିଲ୍ଲାଗୁଡିକ ଲାଗି ଏହି ସଫଳତା ହାସଲ କରିବାରେ ବେଶ୍ ସହାୟକ ହୋଇଛି । ଗ୍ରାମାଂଚଳରେ ଗ୍ରାମ ସଭା ଆୟୋଜନ କରି ସୋଲାର୍ ପ୍ରଯୁକ୍ତି, ସବସିଡି, ସ୍ଥାପନା ପ୍ରକ୍ରିୟା, ଓ ଦୀର୍ଘମିଆଦୀ ସଂଚୟ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା, ଡାକବାଜି ପ୍ରଚାର ସହିତ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନାକୁ ଜନାଦୃତ କରିବାରେ ସହାୟତା ପ୍ରଦାନ କରିଛି । ଏହି ଅବସରରେ ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ, ଉତର ଓଡିଶାରେ ଉପଭୋକ୍ତାମାନେ ଅକ୍ଷୟ ଓ ସବୁଜ ଶକ୍ତିର ବ୍ୟବହାର ପାଇଁ ବେଶ୍ ଆଗ୍ରହୀ ଓ ଏହାର ଆବଶ୍ୟକତା ନେଇ ସଚେତନ ଅଛନ୍ତି । ରାଜ୍ୟ ସ୍ତରରେ ବାଲେଶ୍ୱର ହାସଲ କରିଥିବା ମାଇଲଖୁଂଟ ଉପଭୋକ୍ତାଙ୍କ ବିଶ୍ୱାସ, ପ୍ରଶାସନର ସହଯୋଗ ଓ କର୍ମଚାରୀଙ୍କ କର୍ତବ୍ୟନିଷ୍ଠାର ପ୍ରତିଫଳନ ବୋଲି ସେ ଦର୍ଶାଇଛନ୍ତି । ସୂଚନାଥାଉକି, ବିଗତ ଦୁଇ ବର୍ଷରେ ଓଡ଼ିଶାରେ ୧.୦୮ ଲକ୍ଷ ରୁଫଟପ୍ ସୋଲାର୍ ସ୍ଥାପନା ସହ ଜାତୀୟ ସ୍ତରରେ ୯ମ ସ୍ଥାନରେ ରହିଛି । ୨୦୨୬ ମେ' ମାସରେ କେନ୍ଦ୍ର ଅକ୍ଷୟ ଶକ୍ତି ମନ୍ତ୍ରାଳୟର ସୌର ମାସ ପାଳନ ଅବସରରେ ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ମଧ୍ୟମ ବର୍ଗରେ ସର୍ବାଧିକ ଉପଭୋକ୍ତା ଆବେଦନ, ସର୍ବାଧିକ ରୁଫଟପ୍ ସୋଲାର୍ ସ୍ଥାପନା ଓ ସର୍ବାଧିକ ଡିସକମ୍ ପରୀକ୍ଷଣ ଆଦି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବା ସହ କେନ୍ଦ୍ର ଶକ୍ତି ମନ୍ତ୍ରାଳୟ ପକ୍ଷରୁ ପୁରସ୍କୃତ ହୋଇଛି ।

# ହାଟ ଛକରେ ଥିବା ଏସବିଆଇ ଏଟିଏମରୁ ଲୁଟ୍

ବେତନଟୀ(ନିପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ବେତନଟୀ ହାଟ ଛକରେ ଥିବା ଏସବିଆଇ ଏଟିଏମରୁ ମଙ୍ଗଳ ବାର ପ୍ରାୟ ରାତି ୩ଟା ପରେ ଲୁଟ ହୋଇଥିବାର ଜଣା ପଡିଛି । ଏହି ଲୁଟ ପରେ ହାଇଦ୍ରାବାଦ ସ୍ଥିତ ଆଇବିଏଫ କାର୍ଯ୍ୟାଳୟ ରୁ ବେତନଟୀ ଥାନାକୁ ଫୋନ ଆସିଥିଲା । ଖବର ପାଇ ବେତନଟୀ ପୋଲିସ ଟିମ ହାଟ ଛକ ସ୍ଥିତ ଏଟିଏମ ନିକଟକୁ ତଦନ୍ତ ପାଇଁ ଆସିଥିଲେ ମଧ ଘଟଣା ସ୍ଥଳରୁ ଦୁର୍ବୃତ ଫେରାର ହୋଇଯାଇ ଥିଲେ । ଏହି ଲୁଟ ଘଟଣାକୁ ନେଇ ବେତନଟୀ ଏସ ବି ଆଇ ବ୍ରାଂଚ ମ୍ୟାନେଜରଙ୍କ ଏତେଲା କ୍ରମେ ବେତନଟୀ ଥାନା ରେ କେସ ନମ୍ବର ୨୫୩/୨୬ରେ ଏକ ଲୁଟ ମାମଲା ରୁଜୁ କରାଯାଇଛି ବେତନଟୀ ଥାନା ର ଆଇଆଇସି ଶ୍ରୀ କ୍ରିଷ୍ଣା ପିଙ୍ଗୁଆ ଏହାର ତଦନ୍ତ ଦାୟିତ୍ୱ ନେଇଛନ୍ତି । ମିଳିଥିବା ସୂଚନାନୁଯାୟୀ ମଙ୍ଗଳ ବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ ଏଟିଏମ ଭିତରେ ପଶି ଗ୍ୟାସ କଟର ସାହାଯ୍ୟରେ ଏଟିଏମ ମେସିନ କାଟି ଲୁଟି ନେଇଛନ୍ତି ଏହି ଟଙ୍କା ର ପରିମାଣ ୫ଲକ୍ଷ ୬ହଜାର ୬ଶହ ଟଙ୍କା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି । ରଜ ପର୍ବ ବାସି ହୋଇ ଥିବାରୁ ବଜାର ଫାଙ୍କା ଥିବାର ସୁଯୋଗ ନେଇ ଲୁଟ ଉଦ୍ୟମ ରେ ସଫଳ ହୋଇ ଘଟଣା ସ୍ଥଳରୁ ଦୁର୍ବୃତ ଫେରାର ହୋଇଯାଇଛନ୍ତି । ଲୁଟ ସମୟର ଏଟିଏମ ଭିତର ଦୃଶ୍ୟ ଏଟିଏମ ଭିତରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଦୁଇଜଣ ଲୋକ ଏଟିଏମ ଭିତରକୁ ପଶି ଯାଇ ସେଠାରେ ଲାଗିଥିବା ଲୁହା ସଟର ଗେଟ ଟିକୁ ବନ୍ଦ କରି ୫କିଲିଆ ଗ୍ୟାସ ସିଲିଣ୍ଡର ରେ ପାଇପ ସଂଯୋଗ ହୋଇଥିବା ଗ୍ୟାସ କଟର ସାହାଯ୍ୟରେ ଏଟିଏମ ମେସିନ ଟିକୁ କାଟିଥିଲେ । ପୋଲିସ ଲୁଟ ସ୍ଥଳ ନିକଟସ୍ଥ ବଜାର ଭିତରେ ସାଧାରଣ ଲୋକଙ୍କ ଘରେ ରାସ୍ତା ଆଡ଼କୁ ଲାଗିଥିବା ସିସିଟିଭି ଫୁଟେଜ ଯାଂଚ କରୁଛି ।

# ଶୁଭମ ଟିଭିଏସ ମୋଟର୍ସ ପକ୍ଷରୁ ଲୋନ କମ ଏକ୍ସଚେଞ୍ଜ ମେଳା




ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅଡା ୟୁପି ସ୍କୁଲ ପଡିଆରେ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଶୁଭମ ମୋଟର୍ସ ତରଫରୁ ପ୍ରୋପାଇଟର ପ୍ରଦୀପ କୁମାର ଘଡାଇଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଲୋନ କମ ଏକ୍ସଚେଞ୍ଜ ମେଳା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ମେଳାରେ ସମସ୍ତ ପ୍ରକାର ପୁରୁଣା ଗାଡି ଏକ୍ସଚେଞ୍ଜ କରାଯିବା ସହ ୫ହଜାର ଟଙ୍କା ପର୍ଯ୍ୟନ୍ତ କମିଶନ ପ୍ରଦାନ କରାଯାଇଛି । ଉକ୍ତ ଅଫର ସାଧାରଣ ଜନତା ପାଇଁ ସହଜରେ ଉପଲବ୍ଧ ହେଉଛି ଓ ସମସ୍ତ ପ୍ରକାର ଗାଡି ଏକ୍ସଚେଞ୍ଜ ହେଉ ଥିବାରୁ ଗ୍ରାମା□ଳରେ ଲୋକମାନେ ଟିଭିଏସ କ୍ରେଡିଟ ଫାଇନାନ୍ସର ଅନେକ ସୁବିଧା ଉପଲବ୍ଧ କରି ପାରିବେ । ଏ ଅଂଚଳ ପାଇଁ ସମ୍ପୂର୍ଣ୍ଣ ସହାୟତାର ହାତ ବଢାଇଛନ୍ତି ଟିଭିଏସ ମୋଟର୍ସ ବାଲେଶ୍ୱର ଓ ଖଇରାର ମାଲିକ ଲକ୍ଷ୍ମୀନାରାୟଣ ମହାନ୍ତି । ଏଥିସହିତ ରଜ ପର୍ବରେ ଦୋଳି ଖେଳର ମନୋରଞ୍ଜନ ବ୍ୟବସ୍ଥା କରାଯାଇଛି । ଶେଷ ରଜ ସଂଧ୍ୟାରେ ମୁଖ୍ୟଅତିଥି ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଯୋଗଦାନ କରି ଟିଭିଏସ ଗାଡିର ଉତୋରତର କାମନା କରିବା ସହିତ ଷ୍ଟାଫ ମାନଙ୍କୁ ସମ୍ପୂର୍ଣ୍ଣ ସେବା ଯୋଗାଇ ଦେବାକୁ ବକ୍ତବ୍ୟ ରଖିଥିଲେ ।

# ସାହିତ୍ୟ ସଂସଦରେ ରଜ ଉତ୍ସବ ପାଳିତ




ଖୋର୍ଦ୍ଧା(ନିପ୍ର): ଖୋର୍ଦ୍ଧା ସାହିତ୍ୟ ସଂସଦ ଗୃହରେ ରଜ ଉତ୍ସବ ପାଳନ ଅବସରରେ ଡ଼.ବୃନ୍ଦାବନ ପଣ୍ଡାଙ୍କ ସଭାପତିତ୍ୱ, ଡ଼.ପ୍ରଫୁଲ୍ଲ କୁମାର ସାମନ୍ତରାୟ ଏବଂ ହରିହର ବଳବନ୍ତରାୟଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସବିତା ନାୟକ, ଡ଼.ଚପଳା ପଣ୍ଡା ସମେତ ବହୁ ସଦସ୍ୟ କବିତା ପାଠ କରିଥିଲେ । ଆଲୋଚନା ଚକ୍ରରେ ଡ଼.ଗୁରୁ ପ୍ରସାଦ ମହାପାତ୍ର, ଗଙ୍ଗାଧର ଦାଶ, ଡ଼ା.ଯୋଗେଶ ରଥ, ବିଧାନ ଚନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଯୋଗଦେଇ ରଜ ଉତ୍ସବର ମହତ୍ୱ ବିଷୟରେ ନିଜର ଅଭିମତ ଦେଇଥିଲେ । ସଂସଦର ସଭାପତି ଡ଼.ନିରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ସମ୍ପାଦକ ଡ଼.ଧୀରେନ୍ଦ୍ର ନନ୍ଦ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ତପନ ମହାପାତ୍ର, ଇତିଶ୍ରୀ ସାହୁ, ସ୍ମରଣିକା ନାୟକ, ଦେବେନ୍ଦ୍ର ନାରାୟଣ ବାରିକ୍ ଯୋଗ ଦେଇଥିଲେ । ଶେଷରେ ରଜ ଉତ୍ସବରେ ରଜ ପୋଡ଼ପିଠା ଓ ରଜପାନର ଆସରରେ ସମସ୍ତ ସଭ୍ୟଗଣ ଭାଗ ନେଇ ଉତ୍ସବକୁ ସରସ ସୁନ୍ଦର କରିଥିଲେ । କାର୍ଯ୍ୟକ୍ରମକୁ ପରିଚ୍ଳନା କରିଥିଲେ ସହ ସମ୍ପାଦକ ବଂଶୀଧର ଦାସ ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହୁମୁହାଣର ଶହେ ବର୍ଷର ବାଦିପାଲା ଉତ୍ସବ ଉଦ୍‌ଯାପିତ

ସୋର(ନିପ୍ର): ସୋର ବ୍ଲକ ମହୁମୁହାଣ ଗ୍ରାମର ମେଳାଡିହଠାରେ ରଜ ଉତ୍ସବରେ ତିନି ଦିନିଆ ବାଦିପାଲା ଏବଂ ନାଟକ ଉତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଶହେ ବର୍ଷରୁ ଅଧିକ ସମୟ ଧରି ଚାଲି ଆସିଥିବା ଏହି ମଣ୍ଡପରେ ବାଦିପାଲା ଓଡ଼ିଶାର ସୁନାମଧନ୍ୟ ପାଲା ଗାୟକ ପୁରୀର ମାୟାଧର ପ୍ରଧାନ ଏବଂ ଖୋର୍ଦ୍ଧାର ନିରଂଜନ ବାହିନୀପତିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତିନିଦିନ ପ୍ୟାପି ଏହି ଆକର୍ଷଣୀୟ ପାଲାକୁ ଦେଖିବା ପାଇଁ ଆଖପାଖ ଅଂଚଳରୁ ବହୁ ଦର୍ଶକ ଉପସ୍ଥିତ ରହୁଥିଲେ । ଶେଷରେ ଉଭୟ ପାଲା ଗାୟକ ଏବଂ ତାଙ୍କର ଦଳକୁ ମେଳା ମଣ୍ଡପ ରଜ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ରାତିରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା 'କାନ୍ଦିବିନି ଆଉ ତୋରି ପାଇଁ' ଏବଂ 'ସିନ୍ଦୂର ପିନ୍ଧିଲି ଦିନକ ପାଇଁ' ଯାତ୍ରା ନାଟକ ମଂଚସ୍ଥ ହୋଇଥିଲା । ଏହି ନାଟକଗୁଡ଼ିକରେ ସନ୍ତୋଷ କୁମାର ଦାସ ନିର୍ଦ୍ଦେଶନା ଦେଇଥିବା ବେଳେ ସୁଧାଂଶୁ କୁମାର ମହାପାତ୍ର, ଗଜେନ୍ଦ୍ର କୁମାର ନାୟକ, ଉଦୟ କୁମାର ସାହୁ ସହଯୋଗ କରିଥିଲେ । ନାଟକର ମୁଖ୍ୟାଂଶରେ ସଂଗ୍ରାମ ପଟ୍ଟନାୟକ, ଯଦୁନାଥ ନାୟକ, ମାଧବ ନାୟକ, କରୁଣାକର ନାୟକ ଓ ଅନ୍ୟ କଳାକାରମାନେ ଅଂଶ ଗ୍ରହଣ କରି ଚକକ୍ାର କଳାପ୍ରଦର୍ଶନ କରିଥିଲେ । କମିଟି ସଭାପତି ସରୋଜ କୁମାର ପଟ୍ଟନାୟକ ଏବଂ ସଂପାଦକ ନବୀନ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ମାନେ ସହୟତା କରିଥିଲେ ।

# ତହସିଲ ସୁପରଭାଇଜର ସମ୍ପର୍କରେ ଅଡ଼ିଓ ଭାଇରଲ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ଅଂଚଳ ର ଟ୍ରାକଟର ଯୋଗେ ମାଟି ଲୁଟ କରୁଥବା ଜଣକୁ ପ୍ରଥମେ ଲକ୍ଷେ କୋଡିଏ ହଜାର ପରେ ସତୁରି ହଜାର ଫାଇନାଲ ଛିଡ଼ିଥିବା ଏକ ଅଡିଓ ଭାଇରଲ ତାଙ୍କର ନୁହେଁ ବୋଲି ସ୍ୱଷ୍ଟ କରିଛନ୍ତି । ତହସିଲଦାର ମଧ ଏହି ଭାଇରଲ ସୁପର ଭାଇଜରଙ୍କ ନୁହେଁ ବୋଲି କହିଛନ୍ତି । ଏହି ଘଟଣା ରେ ଜଣେ ମଧସ୍ଥି ଙ୍କର ସମ୍ପୃକ୍ତ ସୁପର ଭାଇଜରଙ୍କୁ ବଦନାମ ଯୋଜନା କରୁଥିବାର ଜଳେଶ୍ୱର ଥାନାରେ ଅଭିଯୋଗ କରାଯାଇଛି । ସମ୍ପୃକ୍ତ ଗାଡି ମାଲିକ ବି ଅଭିଯୋଗ କରିଛନ୍ତି । ମାତ୍ର ସତୁରି ହଜାର ସମ୍ପୃକ୍ତ ମଧସ୍ଥିଙ୍କ ପାଖକୁ ନା ଅନ୍ୟ କାହାପାଖକୁ ଅନଲାଇନ ରେ ଯାଇଛି ତାହା ତଦନ୍ତ ହେଲେ ଜଣାପଡିବ ବୋଲି ଆଲୋଚନା ହେଉଛି ।

# ଏବିଇଓଙ୍କୁ ଘେରିଲେ ଗ୍ରାମବାସୀ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଂଚାୟତ ଅଧୀନ କଳମଚୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଦାମରେ ଗଛିତ ରଖାଯାଇଥିବା ଚାଉଳରେ ବିଷ ମିଶାଯିବାକୁ ନେଇ ଗ୍ରାମରେ ଉତେଜନା ଦେଖାଦେଇଛି । ବୁଧବାର ଉତ୍ୟକ୍ତ ଗ୍ରାମବାସୀ ଘଟଣାର ତଦନ୍ତ କରି ପରିଚାଳନା କମିଟି ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେବା ସହ ଅତିରିକ୍ତ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କୁ ୨ଘଂଟା ଧରି ଘେରାଉକରି ରଖିଥିଲୋ ପରେ ଏବିଇଓ ଘଟଣାରେ ସଂପୃକ୍ତ ଥିବା କମିଟି ସଭାପତିଙ୍କୁ ଗୁରୁବାର ନୋଟିସ କରି ଡାକିବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେବା ପରେ ଗ୍ରାମବାସୀ ଏବିଇଓଙ୍କୁ ଛାଡିଥିଲେ । ସ୍କୁଲରେ ଗଛିତ ଥିବା ପାଖାପାଖି ୬କୁଇଂଟାଲ ଚାଉଳକୁ ପୋକରୁ ରକ୍ଷା କରିବାକୁ କମିଟି ସଭାପତି ରୋଷେଇ ଦାୟିତ୍ୱରେ ଥିବା ସହାୟିକାଙ୍କୁ କିଟନାଶକ ମିସାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏଭଳି ସ୍ୱର୍ଶକାତର ବିଷୟରେ ରୋଷେଇ କରୁଥିବା ସହାୟିକା ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ଉତ୍ୟକ୍ତ ହୋଇ ଶିକ୍ଷାବିଭାଗକୁ ଜଣାଇବା ସହ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିରହିଥିଲେ । ଏ ସମ୍ପର୍କରେ ଏବିଇଓଙ୍କ ପ୍ରତିକ୍ରିୟା ନିଆଯିବାରେ ଗ୍ରାମବାସୀଙ୍କ ମାନେ କମିଟି ସଭାପତିଙ୍କୁ ବିଦ୍ୟାଳୟରେ ହାଜର ହୋଇ ସମସ୍ତ ଘଟଣା ପ୍ରକାଶ ନକରିବା ପର୍ଯ୍ୟନ୍ତେ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦେବା ପରେ ସଭାପତିଙ୍କୁ ଗୁରୁବାର ବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନୋଟିସ କରାଯାଇଥିବା କହିଛନ୍ତି ।

# ସାମ୍ବାଦିକ ଓ ସାମାଜିକ ଗଣ ମାଧମ ପ୍ରବାହକ ସମ୍ମିଳନୀ ଅନୁଷ୍ଠିତ



ଖୋର୍ଦ୍ଧା(ନିପ୍ର): ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶାର ମାନ୍ୟବର ସମବାୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ 'ବିକାଶର ଧାରା,ଓଡ଼ିଶା ସାରା' ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାରୀ ଜନସଂପର୍କ ଏବଂ ନାଗରିକ ସହଭାଗିତା ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଦୁଇବର୍ଷରେ ସଫଳତା, ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ବିକାଶ ମୁଖୀ କାର୍ଯ୍ୟକ୍ରମ ଓ ଅଗ୍ରଣୀ ଯୋଜନା ସମ୍ବନ୍ଧରେ ଆଲୋଚନା କରି ସାମ୍ବାଦିକ ମାନେ ସରକାରଙ୍କ ଦୁଇ ବର୍ଷର ସଫଳତା ହିତାଧିକାରୀ ଯୋଜନାର ପ୍ରଚାର ପ୍ରସାର ଦିଗରେ କଲମ ଚାଳନା କରି ଜନ ଭାଗିଦାରୀ କାର୍ଯ୍ୟକ୍ରମରେ ପ୍ରକୃତ ହିତାଧିକାରୀ ଯେପରି ଅଧିକରୁ ଅଧିକ ଫାଇଦା ପାଇ ପାରିବେ ସେ ସମ୍ବନ୍ଧରେ ଗଣମାଧମ କୁ ସମ୍ବୋଧନ କରିଛନ୍ତି କ୍ଷ ସୁଭଦ୍ରା ଯୋଜନା, ଲକ୍ଷ ପତି ଦିଦି, ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା, ସାମାଜିକ ଭତା ଯୋଜନା, ମଧୁବାବୁ ପେନସନ ଯୋଜନା, ଜାତୀୟ ସାମାଜିକ ସହାୟତା ଯୋଜନା, ବର୍ଦ୍ଧିତ ଭତା, ଜାତୀୟ ପରିବାର ସହାୟତା ଯୋଜନା, ବିବାହ ପ୍ରୋତ୍ସାହନ ରାଶି,ଇ ରିକ୍ସା, ସ୍କୁଟି, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ସୁ ମଙ୍ଗଳ ଯୋଜନା, ବିକଶିତ ଗାଁ, ବିକଶିତ ଓଡ଼ିଶା, ପ୍ରଧାନ ମନ୍ତ୍ରୀ ଆବାସ, ଅନ୍ତଦ୍ୟ ଗୃହ ଯୋଜନା, ମୁଖ୍ୟ ମନ୍ତ୍ରୀ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନ ପୂର୍ଣା ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଓ ପି ଏମ ଶ୍ରୀ ସ୍କୁଲ ଆଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜ୍ୟରେ ଓ ଖୋର୍ଦ୍ଧା ଜିଲ୍ଲାରେ ଦ୍ୱିତୀୟ ବର୍ଷରେ ଉଲ୍ଲେଖନୀୟ ସଫଳତା ଉପରେ ସମସ୍ତ ଗଣମାଧମକୁ ସୂଚନା ପ୍ରଦାନ କରିଥିଲେ । ସେହି ପରି ଗଣ ମାଧମ ପ୍ରତିନିଧି ମାନଙ୍କ ବିଭିନ୍ନ ଗଠନ ମୂଳକ ପ୍ରଶ୍ନର ଉତର ଦେଇ ଖୋର୍ଦ୍ଧା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି କଳ୍ପେ ଦୃତ ଗତିରେ ବିକାଶ ଧାରାକୁ ଆଗେଇ ନେବାକୁ ଏବଂ ବିକଶିତ ଓଡ଼ିଶା ଅ୨୦୨୩୬ ଓ ବିକଶିତ ଭାରତ ଅ୨୦୪୭ ଗଠନ ଦିଗରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧମ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ମାନ୍ୟବର ବିଧାୟକ, ଖୋର୍ଦ୍ଧା ଓ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାର ବିଭିନ୍ନ ଅଗ୍ରଣୀ ଯୋଜନା କାର୍ଯ୍ୟ କାରିତା ଉପରେ ଗଣ ମାଧମକୁ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଭାଜପା ଜିଲ୍ଲା ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା, ଭାଜପା କର୍ମକର୍ତା ନିକୁଞ୍ଜ ପଟ୍ଟନାୟକ, ଦିଲ୍ଲୀପ ହୋତା ଙ୍କ ସମେତ ତ୍ରିସ୍ତରୀୟ ପଂଚାୟତିରାଜ ଜନ ପ୍ରତିନିଧି, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ମାନେ ଯୋଗ ଦେଇଥିଲେ ।





ଅନ୍ୟକୁ କଟୁକଥା କହିଲେ ଆମ ମାନଙ୍କୁ କ'ଣ ମିଳେ ତାହା ଆମେ ନିଜକୁ ନିଜେ ପ୍ରଶ୍ନ ପଚାରିବା ଉଚିତ । ଦେଖିବେ କିଛି ଦିନ ମଧ୍ୟରେ ଆମେ ସମସ୍ତେ କିଛିଟା ସୁଗୁଣର ଅଧିକାରୀ ହୋଇ ପାରିବା ।

# ଆଜିକାଲି



ପ୍ରଜହାତି ଯଦା କାମାନ୍ ସର୍ବାନ ପାର୍ଥ ମନୋଗତାନ୍
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ॥
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ଯେତେବେଳେ ଏହି ପୁରୁଷ ମନ ମଧ୍ୟରେ ଥିବା ସମସ୍ତ କାମନାପୂର୍ଣ୍ଣ ରୂପେ ତ୍ୟାଗ କରିଦିଅନ୍ତି ଏବଂ ଆତ୍ମା ଦ୍ୱାରା ଆତ୍ମାରେ ହିଁ ସନ୍ତୁଷ୍ଟ ହୋଇରହନ୍ତି । ସେତେବେଳେ ତାଙ୍କୁ ସ୍ଥିତପ୍ରଜ୍ଞ ବୋଲାଯାଏ ।

## ଶିକ୍ଷା ବ୍ୟବସ୍ଥାରେ ନୂତନ ସୂର୍ଯ୍ୟୋଦୟ

ଆଜି ବିଦ୍ୟାର୍ଥୀମାନେ ହେଲେ ଆସନ୍ତାକାଲିର ନାଗରିକ ଓ ରାଷ୍ଟ୍ର ନିର୍ମାତା । ଗତକାଲି ଖୋର୍ଦ୍ଧାର ବାଣପୁର ପଲଟନ ପଡ଼ିଆ ଠାରେ ରାଜ୍ୟସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋନାରେ ୩୦ଟି ଜିଲ୍ଲାପାଇଁ ୧୧୮ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମକ ବିଦ୍ୟାଳୟ ଯୋଜନା ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ପରିକଳ୍ପନାକୁ ସାକାର କରିବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ପଂଚାୟତରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯିବ । ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ଦିଆଯିବ । ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ । ଏହି ଯୋଜନାରେ ମଧ୍ୟ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ଓ ଅଭିଜ୍ଞତା କିପରି ବୃଦ୍ଧି ପାଇବ ସେଥିପାଇଁ ସରକାରଙ୍କ ପକ୍ଷରୁ ପ୍ରଶିକ୍ଷଣ ଏବଂ ବୃତିଗତ ବିକାଶ, କ୍ୟାରିଅର ପରାମର୍ଶ ଆଦି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଆମ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଯୋଜନାରେ ଆଭିମୁଖ୍ୟ ଦେଖି ଅନେକ ରାଜ୍ୟ ମଧ୍ୟ ଏହାକୁ ମଡ଼େଲ ଭାବେ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଖୁବ୍ ଖୁସିର ବିଷୟ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦଗଣ୍ଡ କହିଲେ କି ଏହି ବିଦ୍ୟାଳୟ ରାଜ୍ୟରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସହାୟକ ହେବ । ରାଜ୍ୟ ଗ୍ରାମାଂଚଳରେ ଶିକ୍ଷା ବ୍ୟବସ୍ଥାରେ ଯେଉଁ ବ୍ୟବଧାନ ପରିଲକ୍ଷିତ ହେଉଛି ଏହି ଯୋଜନା ତାହାକୁ ଦୂର କରିବ । ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଛାତ୍ରଛାତ୍ରୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଅଭାବ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ପଂଚମ ଶ୍ରେଣୀର ପିଲାଟିଏ ଦ୍ୱିତୀୟ ଶ୍ରେଣୀରେ ବହିଟିକୁ ଠିକ୍ ଭାବେ ପଢ଼ିପାର ନାହିଁ କିମ୍ବା ସାଧାରଣ ଗଣିତରେ ମିଶାଣ ଫେଡ଼ାଣ କରିପାରୁନାହିଁ । ତେଣୁ ପିଲାମାନଙ୍କ ଶୈକ୍ଷିକ ମୂଳଦୁଆ ସୁଦୃଢ଼ କରିବାକୁ ହେବ । ପ୍ରଥମ ଶ୍ରେଣୀରୁ ପ୍ରତିଟି ପିଲା ଯେପରି ଠିକ୍ ଭାବେ ପଢ଼ିବା, ବୁଝିବା ଗଣିତର ସଂଖ୍ୟା କହିବା ଇତ୍ୟାଦିରେ ଦକ୍ଷ ହେବେ ତାହାକୁ ଏକ ମିଶନ ଭାବେ ଗ୍ରହଣ କରିବାକୁ ହେବ । ଏଥିପାଇଁ ଶ୍ରେଣୀ ଗୃହରେ କେବଳ ପାଠ୍ୟକ୍ରମ ଶେଷ କରିବା ଅପେକ୍ଷା ଖେଳକୁଦ ଓ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷାଦାନ ଉପରେ ଗୁରୁତ୍ୱଦେବା ଜରୁରୀ । କେବଳ ସେତିକି ନୁହେଁ ବିଦ୍ୟାଳୟ ପରିଚାଳନା କମିଟିକୁ ଅଧିକ ସଶକ୍ତ କରାଯିବା ସହ ବିଦ୍ୟାଳୟର ବଜେଟ୍ ଓ ପିଲାମାନଙ୍କ ଅଗ୍ରଗତି ନେଇ ସ୍ୱଚ୍ଛତା ବଜାୟ ରଖିବାକୁ ହେବ । ପିଲାଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିକର ଆହାର ଏବଂ ପରିଚ୍ଛନ୍ନ ବ୍ୟବସ୍ଥାକୁ ଶିକ୍ଷାର ଏକ ଅଂଶଭାବେ ଗ୍ରହଣ କରିବାକୁ ହେବ । ଯଦି ଏହି ୧୧୮ଟି ସ୍କୁଲ ପ୍ରକୃତରେ ଆଦର୍ଶ ହୋଇପାରେ ତେବେ ଏହା ରାଜ୍ୟର ଅନ୍ୟ ହଜାର ହଜାର ପ୍ରାଥମିକ ବିଦ୍ୟାଳୟ ପାଇଁ ଏକ ମାର୍ଗଦର୍ଶକ ସାଜିବ ।

# ଡେମୋଗ୍ରାଫି ପରିବର୍ତ୍ତନର ସଂକଟ ଓ ମୋଦୀ ସରକାରଙ୍କ ନୀତିରେ ମୌଳିକ ପରିବର୍ତ୍ତନ



◆ଡ.ସମନ୍ୱୟ ନନ୍ଦ

ଭାରତର ଡେମୋଗ୍ରାଫିର ପରିଦୃଶ୍ୟରେ ଭୟଙ୍କର ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳୁଛି । ଡେମୋଗ୍ରାଫି ପରିବର୍ତନ ଏକ ଭୟଙ୍କର ପ୍ରସଙ୍ଗ । ଡେମୋଗ୍ରାଫିରେ ପରିବର୍ତନ ହେଲେ କଣ ହୁଏ ତାହା କାହାକୁ ବୁଝାଇବାର ଆବଶ୍ୟକତା ନାହିଁ । କାରଣ ଭାରତର ବିଭାଜନ ମଧ୍ୟ ଡେମୋଗ୍ରାଫି ପରିବର୍ତନ କାରଣରୁ ହୋଇଥିଲା । ଯଦି ଆମେ ସ୍ୱାଧୀନ ଭାରତର କଥା କହିବା ତେବେ କାଶ୍ମୀର ଉପତ୍ୟକାରେ କାଶ୍ମୀର ହିନ୍ଦୁ ପଣ୍ଡିତ ମାନଙ୍କୁ ଯେଭଳି ଭାବେ ବିତାଡିତ କରାଯାଇଥିଲା ତା ପଛର ମୂଳ କାରଣ ମଧ୍ୟ ଏହି ଡେମୋଗ୍ରାଫି ପରିବର୍ତ୍ତନ । ତେଣୁ ଡେମୋଗ୍ରାଫି ପରିବର୍ତ୍ତନ କୌଣସି ସାଧାରଣ ପ୍ରସଙ୍ଗ ନୁହେଁ ବରଂ ଏହା ଦେଶର ସୁରକ୍ଷା ଓ ଦେଶର ଅସ୍ତିତ୍ୱ ସମ୍ପର୍କିତ ଏକ ଜ୍ୱଳନ୍ତ ପ୍ରଶ୍ନ । ଯେତେବେଳେ ଦେଶରେ ଡେମୋଗ୍ରାଫିରେ ହେଉଥିବା ପରିବର୍ତନ ସମ୍ପର୍କରେ ବିଚାର ବିମର୍ଶ ହୁଏ ସେତେବେଳେ ଏହି ବିମର୍ଶ ପ୍ରାୟ ଆର୍ଥିକ ବିକାଶ ଓ ପ୍ରଗତି ଉପରେ କେନ୍ଦ୍ରିତ ରହିଥାଏ । ବିଶେଷ ଭାବେ ଦେଶର ସୀମାବର୍ତୀ ଅଂଚଳ ଗୁଡିକରେ ହେଉଥିବା ଡେମୋଗ୍ରାଫି ପରିବର୍ତ୍ତନର ଧାରା ଦେଶର ନିରାପତା ପାଇଁ ଏକ ଗଭୀର ଚ୍ୟାଲେଂଜ ସୃଷ୍ଟି କରୁଥିବା ପ୍ରତୀୟମାନ ହୁଏ । ରଣନୈତିକ ଦୃଷ୍ଟିରୁ ସର୍ବାଧିକ ଗୁରୁତ୍ୱପୂର୍ଣ ଅଂଚଳ, ଉଦାହରଣ ସ୍ୱରୂପ ଚିକେନ ନେକ କରିଡର ତଥା ପୂର୍ବ ସୀମାରେ ଥିବା ମୁସଲମାନ ଜନସଂଖ୍ୟା ବହୁଳ ଜିଲ୍ଲା ମାନଙ୍କର ଲଗାତାର ବଢୁଥିବା ସଂଖ୍ୟା କୌଣସି ସାଧାରଣ ଘଟଣା ନୁହେଁ ବରଂ ଏହାର ପାଟର୍ନକୁ ଗଭୀର ଅଧ୍ୟୟନ କରି ଠିକ ଭାବେ ବୁଝିବା ଓ ସମୟ ଥାଉ ଥାଉ ଏହାର ଉଚିତ ଉପାୟ ଅବଲମ୍ବନ କରିବା ହେଉଛି ସମୟର ଆବଶ୍ୟକତା । ବର୍ତମାନ ଉପଲବ୍ଧ ତଥ୍ୟ ଉଦବେଗଜନକ ପରିସ୍ଥିତିକୁ ଦର୍ଶାଇଥାଏ । ୧୯୫୧ ମସିହାରେ ମୁସଲମାନ ବହୁଳ ଜିଲ୍ଲାର ସଂଖ୍ୟା ମାତ୍ର ୮ ଥିଲା । ହେଲେ ୨୦୧୧ ମସିହା ଆସୁ ଆସୁ ଏହି ସଂଖ୍ୟା ବଢି ୩୬ରେ ପହଂଚି ସାରିଛି । ମୁସଲମାନ ମାନଙ୍କର ସଂଖ୍ୟାରେ ବୃଦ୍ଧି ସମାନ ଭାବେ ସାରା ଦେଶରେ ବଢି ନାହିଁ ବରଂ ଏଭଳି ଅଂଚଳରେ ଅପ୍ରତ୍ୟାଶିତ ଭାବେ ବଢିଛି ଯାହା ଦେଶର ଅଖଣ୍ଡତା ଓ ସାମରିକ ସୁରକ୍ଷା ଓ ଷ୍ଟ୍ରାଟେଜିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉଦାହରଣ ସ୍ୱରୂପ ଚିକେନ ନେକ ର କରିଡର ଯାହା ଭାରତର ମୁଖ୍ୟ ଭୂମିକୁ ପୂର୍ବୋତର ଭାରତ ସହ ଯୋଡିଥାଏ, ସେହି ଅଂଚଳରେ ଡେମୋଗ୍ରାଫିରେ ବ୍ୟାପକ ଓ ଅପ୍ରତ୍ୟାଶିତ ପରିବର୍ତନ ଅନେକ ଚିନ୍ତା ଉତ୍ପନ୍ନ କରୁଛି । ଏହି ସମ୍ବେଦନଶୀଳ ଅଂଚଳରେ ଡେମୋଗ୍ରାଫିରେ ଅପ୍ରତ୍ୟାଶିତ ପରିବର୍ତନ ଅନେକ ପ୍ରଶ୍ନକୁ ଜନ୍ମ ଦେଇଥାଏ । କଣ ଡେମୋଗ୍ରାଫିରେ ଏହି ପରିବର୍ତନର ପ୍ରକ୍ରିୟା ସ୍ୱାଭବିକ ନା ଏହା ବାହ୍ୟ କାରକ ଗୁଡିକ ଦ୍ୱାରା ପ୍ରେରିତ ଅଥବା ସୁନିୟୋଜିତ ଭାବେ କୌଣସି ଷଡଯନ୍ତ୍ରପୂର୍ବକୁ ଏହି କାର୍ଯ୍ୟକୁ କରାଯାଉଛି ? ସାଧାରଣ ଦୃଷ୍ଟିରେ ଆମେ ଯଦି ଦେଖିବା ତେବେ ଆମେ ଜାଣି ପାରିବା ଯେ ନିଶ୍ଚିତ ଭାବେ ଏହି ପ୍ରକ୍ରିୟା ସ୍ୱାଭବିକ ନୁହେଁ । ଯଦି ଏହା ସ୍ୱାଭବିକ ଭାବେ ହୋଇଥାନ୍ତା ତେବେ ଏହି ସଂଖ୍ୟା ସମାନ ଭାବେ ଦେଶର ବିଭିନ୍ନ ଅଂଚଳରେ ବିତରିତ ହୋଇଥାନ୍ତା । ହେଲେ କେବଳ ସୀମାବର୍ତୀ ଅଂଚଳ, ଯାହା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ ଅଂଚଳରେ ଡେମୋଗ୍ରାଫିରେ ପରିବର୍ତନ ଦେଖିବାକୁ ମିଳୁଛି ତାହା ନିଶ୍ଚିତ ଭାବେ କୌଣସି ବଡ ଷଡଯନ୍ତ୍ର ଆଡକୁ ସଂକେତ କରୁଛି । ଗତ ବର୍ଷ ଲାଲ କିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡେମୋଗ୍ରାଫି ପରିବର୍ତନ ସମ୍ପର୍କିତ ସଂକଟ ପାଇଁ ଏକ ଉଚ୍ଚାଧିକାର କମିଟି ଗଠନ କରିବାକୁ ଘୋଷଣା କରିଥିଲେ । ଏହି ଘୋଷଣା ଅନୁଯାୟୀ ମୋଦୀ ସରକାର ବେଆଇନ ଅନୁପ୍ରବେଶ କାରଣରୁ ଦେଶର ଅନେକ ଭାଗ ବିଶେଷ ଭାବେ ସୀମାବର୍ତୀ ଅଂଚଳରେ ହେଉଥିବା ଡେମୋଗ୍ରାଫି ପରିବର୍ତନର ସମସ୍ୟାର ମୁକାବିଲା ପାଇଁ ଏକ ଉଚ୍ଚାଧିକାର ପ୍ରାପ୍ତ ସମିତିର ଗଠନ କରିଛନ୍ତି । ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ପ୍ରକାଶ ପ୍ରଭାକର ନାବେଲକରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି । ଏହି କମିଟି ଏକ ବର୍ଷ ମଧ୍ୟରେ ଡେମୋଗ୍ରାଫି ପରିବର୍ତନର କାରଣର ଅଧ୍ୟୟନ କରିବା ସହ ଏହି ସମସ୍ୟାର ନିରାକରଣ ପାଇଁ ପରାମର୍ଶ ପ୍ରଦାନ କରିବ । ଏହି ସମିତି ସମ୍ପର୍କରେ ଘୋଷଣା କରି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ଡେମୋଗ୍ରାଫିରେ ପରିବର୍ତନ ଦେଶର ସଂପ୍ରଭୁତା ସହିତ ଦେଶର ନିରାପତା, ଆଇନ ଶୃଙ୍ଖଳା ପରିସ୍ଥିତି, ସାମାଜିକ ସଂରଚନାରେ ଗୁରୁତର ପରିବର୍ତନ ସହିତ ଜନଜାତୀୟ ସମାଜର ସଂରକ୍ଷଣ ସହ ଜଡିତ ଏକ ବଡ ସମସ୍ୟା । ତେଣୁ ଏହି ସମିତି ଭାରତରେ ବେଆଇନ ଅନୁପ୍ରବେଶ ଓ ଅସାଧାରଣ କାରଣ ଯୋଗୁ ଦେଶରେ ଡେମୋଗ୍ରାଫିରେ ପରିବର୍ତନର କାରଣ ଗୁଡିକର ବ୍ୟାପକ ମୂଲ୍ୟାଙ୍କନ କରିବା ସହ ସୁନିୟୋଜିତ ଓ ସମୟବଦ୍ଧ ସମାଧାନ ପାଇଁ ପରାମର୍ଶ ପ୍ରସ୍ତୁତ କରିବ । ଏହି ସମିତିକୁ ମୋଟ ଆଠଟି ପ୍ରସଙ୍ଗକୁ ନେଇ କାର୍ଯ୍ୟ କରିବାକୁ କୁହାଯାଇଛି । ଏଥି ମଧ୍ୟରେ ବେଆଇନ ଅନୁପ୍ରବେଶ ସହିତ ଡେମୋଗ୍ରାଫିରେ ପରିବର୍ତନ କାରଣରୁ ଉତ୍ପନ୍ନ ଚ୍ୟାଲେଂଜ ଗୁଡିକ ଉପରେ ବ୍ୟାପକ ଭାବେ ବିଚାର କରିବା. ଏଭଳି ଡେମୋଗ୍ରାଫିକ ପରିବର୍ତନର ସମ୍ଭାବିତ କାରଣ ଗୁଡିକର ଅଧ୍ୟୟନ କରିବା ଯେପରିକି ସୀମା ପାର କାର୍ଯ୍ୟକଳାପ (ବେଆଇନ ଅନୁପ୍ରବେଶ ସହିତ) ଆର୍ଥିକ ସୁଯୋଗ ଓ ଅନ୍ୟ ସାମାଜିକ ଓ ଅନ୍ୟ କାରକ । ସେହିପରି ଏହି ପରିବର୍ତନ ଗୁଡିକ ପଛରେ ଥିବା ଅନ୍ତର୍ନିହିତ କାରକ ଗୁଡିକୁ ଚିହ୍ନଟ କରିବା ଯେଉଁଥିରେ ଅସାଧାରଣ ଭାବେ ବସ୍ତି ସ୍ଥାପନ କରି ରହିବାର ପାଟର୍ନ ଆଦି ସାମିଲ ରହିଛି । ଏହି ସମିତି ଧାର୍ମିକ ଓ ସାମାଜିକ ସଂପ୍ରଦାୟ ଗୁଡିକ ଉପରେ ଡେମୋଗ୍ରାଫି ପରିବର୍ତନ ଦ୍ୱାରା ପଡୁଥିବା ପ୍ରଭାବର ବିଶ୍ଳେଷଣ କରିବ । ଏହି ସହିତ ଏହି ସମିତି ଦେଶରେ ପୂର୍ବରୁ ରହୁଥିବା ଅନୁପ୍ରବେଶକାରୀ ମାନଙ୍କର ପାଇଁ ଆଇନ, ନିରପେକ୍ଷ ଓ ସମୟବଦ୍ଧ ଭାବେ ସେମାନଙ୍କୁ ଚିହ୍ନଟ କରିବା ତଥା ତାଙ୍କୁ ଦେଶରୁ ବିତାଡିତ କରିବାକୁ ଏକ ସୁବ୍ୟସ୍ଥିତ ଓ ସ୍ଥାୟୀ ପରିଚାଳନା ପ୍ରଣାଳୀ ତିଆରି କରିବା ବିଷୟରେ ସୁପାରିଶ କରିବ । ଏହା ବ୍ୟତୀତ ଏହି କମିଟି ଅନୁପ୍ରବେଶ ତଥା ଡେମୋଗ୍ରାଫି ପରିବର୍ତନ କାରଣରୁ ଅସନ୍ତୁଳନ ସମ୍ପର୍କିତ ମାମଲା ଗୁଡିକରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁଡିକ ମଧ୍ୟରେ କିଭଳି ସମନ୍ୱୟ ଆହୁରି ବଢି ପାରିବ ସେ ନେଇ ବ୍ୟାପକ ନୀତିଗତ ସଂରଚନା ତିଆରି କରିବାକୁ ପ୍ରସ୍ତାବ ଦେବ । କେନ୍ଦ୍ର ସରକାର ଯେଉଁ ଉଚ୍ଚ ସ୍ତରୀୟ ସମିତି ଗଠନ କରିଛନ୍ତି ତାହା କୌଣସି ପ୍ରତୀକାତ୍ମକ ସମିତି ନୁହେଁ । ଏଥିରେ ପୂର୍ବତନ ବିଚାରପତିଙ୍କ ଠାରୁ ଆରମ୍ଭ କରି ପୂର୍ବତନ ବ୍ୟୁରୋକ୍ରାଟ, ସୁରକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଅର୍ଥନୀତିଜ୍ଞଙ୍କୁ ମଧ୍ୟ ସାମିଲ କରାଯାଇଛି । ଏହାର ଅର୍ଥ ହେଲା ଭାରତ ସରକାର ଭାରତର ସୀମାବର୍ତୀ ଅଂଚଳରେ ଡେମୋଗ୍ରାଫି ପରିବର୍ତନକୁ ନେଇ ବହୁଆୟାମୀ ଆକଳନ କରିବାକୁ ଯାଉଛନ୍ତି । ତେବେ ମୋଦୀ ସରକାରଙ୍କର ଏହି ନୀତିକୁ ବର୍ତମାନ ସୁଦ୍ଧା ସବୁଠାରୁ ବଡ ନୀତିଗତ ଓ ମୌଳିକ ପରିବର୍ତନ ବୋଲି କୁହାଯାଉଛି । ଏହାର କାରଣ ହେଲା ଯେ ଏହା ପୂର୍ବରୁ ଏହି ପ୍ରସଙ୍ଗକୁ କେହି ଗୁରୁତ୍ୱର ସହ ନେଉ ନ ଥିଲେ । ହେଲେ ବର୍ତମାନ ସରକାର ଏହି ସମିତି ଗଠନ କରିବା ସହ ଅନ୍ୟ କିଛି ଗୁରୁତ୍ୱପୂର୍ଣ ନିର୍ଦେଶ ଦେଇଛନ୍ତି ତା ଦ୍ୱାରା ସରକାର ଏହି ମାମଲାକୁ ନେଇ କେତେ ଗମ୍ଭୀର ଅଛନ୍ତି ତାହା ସ୍ପଷ୍ଟ ହେଉଛି । ଦେଶର ସୀମାବର୍ତୀ ରାଜ୍ୟ ମାନଙ୍କୁ ସୀମାବର୍ତୀ ଅଂଚଳରେ ଥିବା ସମସ୍ତ ବେଆଇନ ନିର୍ମାଣକୁ ଧ୍ୱସ୍ତ କରିବାକୁ କୁହାଯାଇଛି । ଏହା ସହିତ ସୀମାବର୍ତୀ ଅଂଚଳରେ ଥିବା ବ୍ୟାଙ୍କ ଗୁଡିକରେ କେଉଁ ସଂଦିଗ୍ଧ ଉତ୍ସରୁ ଅର୍ଥ ଆସୁଥିବା ନେଇ ଜାଂଚ କରିବାକୁ କୁହାଯାଇଛି । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଗତ କିଛି ଦିନ ଧରି ଦେଶର ପଶ୍ଚିମ ସୀମା ଠାରୁ ଆରମ୍ଭ କରି ଉତର ପୂର୍ବ ସୀମା ବର୍ତୀ ରାଜ୍ୟ ମାନଙ୍କୁ ଯାଉଛନ୍ତି ଓ ସେଠାରେ ବିଭିନ୍ନ ସମୀକ୍ଷା ବୈଠକ ମାନ କରୁଛନ୍ତି । ଡେମୋଗ୍ରାଫି ହିଁ କୌଣସି ଦେଶର ନିୟତିକୁ ନିର୍ଦ୍ଧାରିତ କରିଥାଏ । ଅନେକ ଦଶନ୍ଧି ଧରି ଭାରତ ଏହି ଗୁରୁତ୍ୱପୂର୍ଣ ବିଷୟକୁ ପ୍ରତ୍ୟକ୍ଷ ଭାବରେ ସ୍ପର୍ଶ କରୁ ନଥିଲା । କିନ୍ତୁ ବର୍ତମାନ ଭାରତ ଏ ସମ୍ପର୍କରେ ଉଚ୍ଚସ୍ତରୀୟ କମିଟି ଗଠନ କରୁଛି । ସୀମାର ସୁରକ୍ଷା ଓ ନିରୀକ୍ଷଣକୁ ଜୋରଦାର କରୁଛି, ଅନୁପ୍ରବେଶକୁ ଏକ ଗୁରୁତର ଚ୍ୟାଲେଞ୍ଜ ଭାବରେ ଦେଖୁଛି ଏବଂ ସେହି ଅନୁରୂପ ଭାବରେ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରସ୍ତୁତ କରୁଛି । ଏହା ସ୍ପଷ୍ଟ କରୁଛି ଯେ ଭାରତ ସରକାରଙ୍କ ଷ୍ଟ୍ରାଟେଜିକ ଥିଙ୍କିଂରେ ମୌଳିକ ପରିବର୍ତନ ଆସିଛି । ବାର୍ତା ଧୀରେ ଧୀରେ ସ୍ପଷ୍ଟ ହେଉଛି ଯେ ଭାରତର ରାଜ୍ୟ ବ୍ୟବସ୍ଥା ପରିଚାଳନାର ପରବର୍ତୀ ପର୍ଯ୍ୟାୟ କେବଳ ରାଜପଥ, ଜିଡିପି ଏବଂ ଭିତିଭୂମି ବିକାଶରେ ସୀମିତ ରହିବ ନାହିଁ । ଏହା ଡେମୋଗ୍ରାଫି ସନ୍ତୁଳନ ଓ ସ୍ଥିରତାର ସୁରକ୍ଷା ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେବ । କାରଣ ଆର୍ଥିକ ମହାଶକ୍ତି ମାନେ ଦୀର୍ଘ ସମୟ ଧରି ଆଭ୍ୟନ୍ତରୀଣ ସମସ୍ୟାର ସମ୍ମୁଖୀନ ହୋଇ ତାଙ୍କର ଶକ୍ତି ବଜାୟ ରଖି ପାରନ୍ତି ନାହିଁ । ବିଭିନ୍ନ ସଭ୍ୟତା ବାହ୍ୟ ଶତ୍ରୁଙ୍କ ଦ୍ୱାରା ପରାଜିତ ହେବା ପୂର୍ବରୁ ନିଜ ଭିତରୁ ଦୁର୍ବଳ ହୋଇ ଧ୍ୱଂସ ହୋଇଯିବାର ଅନେକ ଉଦାହରଣ ଇତିହାସରେ ଅଛି । ଭାରତର ନୀତି-ନିର୍ମାଣ ବ୍ୟବସ୍ଥା ଏହି ଐତିହାସିକ ତ୍ରୁଟିକୁ ଦୋହରାଇବାକୁ ପ୍ରସ୍ତୁତ ନଥିବା ପ୍ରତୀୟମାନ ହେଉଛି ।






# କୋଟିଆ ଓଡିଶାର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଆମେ ଆମର ସୀମାନ୍ତ ସୁରକ୍ଷା ତଥା ଓଡିଆ ଅସ୍ମିତାର ରକ୍ଷା ପାଇଁ ସମ୍ପୂର୍ଣ୍ଣ ସଂକଳ୍ପବଦ୍ଧ



◆ସୌଭାଗ୍ୟ ରଂଜନ ମହାନ୍ତି

ଓଡିଶାର ଦକ୍ଷିଣ ସୀମାନ୍ତରେ ଅବସ୍ଥିତ କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ଗ୍ରାମପୁଞ୍ଜ ଆଜି କେବଳ ଏକ ସାଧାରଣ ସୀମାନ୍ତ ଅଂଚଳ ହୋଇ ରହିନାହିଁ, ବରଂ ଏହା ସମଗ୍ର ଓଡିଆ ଜାତିର ସ୍ୱାଭିମାନ, ଅସ୍ମିତା ଏବଂ ଆଂଚଳିକ ଅଖଣ୍ଡତାର ଏକ ଜ୍ୱଳନ୍ତ ପ୍ରତୀକ ସଦୃଶ ଉଭା ହୋଇଛି, ଯାହା ଉପରେ ପଡୋଶୀ ଆନ୍ଧ୍ରପ୍ରଦେଶ ସରକାର ଓ ତାଙ୍କର ପ୍ରଶାସନିକ କଳ ଦୀର୍ଘ ଦଶନ୍ଧି ଧରି ନିଜର ଲୋଲୁପ ଏବଂ ଗ୍ରାସୀ ଦୃଷ୍ଟି ପକାଇ ଆସିଛନ୍ତି । ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ସମୟରୁ ହିଁ କୋଟିଆର ଏହି ୨୧ଟି ଗ୍ରାମ ଓଡିଶାର ପ୍ରଶାସନିକ ଏବଂ ଭୌଗୋଳିକ ସୀମରେଖା ମଧ୍ୟରେ ସୁରକ୍ଷିତ ଭାବେ ରହିଆସିଛି, ଯାହାର ସମସ୍ତ ସରକାରୀ ଦସ୍ତାବିଜ ଓ ଐତିହାସିକ ପ୍ରମାଣ ଓଡିଶା ସରକାରଙ୍କ ପାଖରେ ସୁରକ୍ଷିତ ଅଛି, କିନ୍ତୁ ଅତ୍ୟନ୍ତ ପରିତାପ ଓ କ୍ଷୋଭର ବିଷୟ ଯେ ସର୍ବୋଚ୍ଚ ନ୍ୟାୟାଳୟର ସ୍ଥିତାବସ୍ଥା ବଜାୟ ରଖିବା ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ବେଖାତିର କରି ଆନ୍ଧ୍ରପ୍ରଦେଶର ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ବାହିନୀ ବାରମ୍ବାର ଓଡିଶାର ଆଭ୍ୟନ୍ତରୀଣ ସୀମା ମଧ୍ୟକୁ ବେଆଇନ ଭାବେ ଅନୁପ୍ରବେଶ କରି ଚାଲିଛନ୍ତି । ଏହି ଅନୁପ୍ରବେଶକାରୀମାନେ କୋଟିଆର ଓଡିଆ ମାଟିରେ ଆସି ବେଧଡକ ଭାବେ ନିଜର ସରକାରୀ ବୈଠକ କରୁଛନ୍ତି, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଏବଂ ସେଠାରେ ରହୁଥିବା ସରଳ, ନିରୀହ ଗିରିଜନ ତଥା ଆଦିବାସୀ ଭାଇଭଉଣୀମାନଙ୍କୁ ବିଭିନ୍ନ ପ୍ରକାରର ମାଗଣା ସରକାରୀ ସୁବିଧା, ବାର୍ଦ୍ଧକ୍ୟ ଭତା, ରାସନ କାର୍ଡ ଏବଂ ଆନ୍ଧ୍ରର ନାଗରିକତ୍ୱ ପ୍ରଦାନର ପ୍ରଲୋଭନ ଦେଖାଇ ଓଡିଶା ବିରୁଦ୍ଧରେ ଉସକାଇବାକୁ ଏକ ହୀନ ଓ ପ୍ରାଣୀବଦ୍ଧ ଷଡଯନ୍ତ୍ର ଚଳାଇଛନ୍ତି, ଯାହା ଦେଶର ସଂଘୀୟ ବ୍ୟବସ୍ଥା, ସାମ୍ବିଧାନିକ ମର୍ଯ୍ୟାଦା ଏବଂ ପଡୋଶୀ ରାଜ୍ୟ ସହିତ ସହଭାଗିତାରେ ସମସ୍ତ ସୀମାକୁ ଲଙ୍ଘନ କରିସାରିଛି । ସ୍ଥାନୀୟ ଅଂଚଳରେ ଏହାକୁ ନେଇ କ୍ରମାଗତ ଭାବେ ତୀବ୍ର ପ୍ରତିବାଦ, ହୋହାଲ୍ଲା, ଜନଆକ୍ରୋଶ ଏବଂ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ସତ୍ତ୍ୱେ ଆନ୍ଧ୍ରର ଏହି ଉଦ୍ଧତ, ଅହଂକାରୀ ଏବଂ ଆକ୍ରମଣାତ୍ମକ ମନୋଭାବ ସେମାନଙ୍କର ଅତିରିକ୍ତ ଭୂମି ଲୋଭ ଏବଂ ସାମ୍ରାଜ୍ୟବାଦି ଚିନ୍ତାଧାରାକୁ ସ୍ପଷ୍ଟ ଭାବରେ ପ୍ରମାଣିତ କରୁଛି, ଯାହା ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସଦୃଶ । କୋଟିଆବାସୀ ଜନ୍ମରୁ ଓଡିଆ, ସେମାନଙ୍କର ସାଂସ୍କୃତିକ ଚେତନା, ପରମ୍ପରା, ଭାଷା ଏବଂ ଭାବପ୍ରବଣତା ସମ୍ପୂର୍ଣ୍ଣ ରୂପେ ଓଡିଶାର ଜଗନ୍ନାଥ ସଂସ୍କୃତି ସହିତ ଜଡିତ ଏବଂ ସେମାନେ ପ୍ରତିଟି ପଂଚାୟତ ଓ ସାଧାରଣ ନିର୍ବାଚନରେ ଓଡିଶାର ମତଦାତା ଭାବେ ଗର୍ବର ସହ ନିଜର ଗଣତାନ୍ତ୍ରୀକ ଅଧିକାର ସାବ୍ୟସ୍ତ କରିଆସୁଛନ୍ତି, ଏହା ସତ୍ତ୍ୱେ ଆନ୍ଧ୍ର ସରକାର ସେଠାରେ ନିଜର ଜନକଲ୍ୟାଣକାରୀ ଯୋଜନାର ଥୋପ ପକାଇ ଲୋକଙ୍କ ଭିତରେ ଦ୍ୱନ୍ଦ ଏବଂ ବିଭାଜନ ସୃଷ୍ଟି କରିବାକୁ ଯେଉଁ ଅପଚେଷ୍ଟା କରୁଛନ୍ତି ତାହା ସେମାନଙ୍କର ମାନସିକ ଦେବାଳିଆପଣକୁ ଦର୍ଶାଉଛି । ଓଡିଶା ସରକାର କୋଟିଆର ସର୍ବାଙ୍ଗୀନ ବିକାଶ ପାଇଁ ଗତ କିଛି ବର୍ଷ ମଧ୍ୟରେ ଶହ ଶହ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରି ଉନ୍ନତ ରାସ୍ତାଘାଟ, ବିଦ୍ୟୁତୀକରଣ, ଆଦର୍ଶ ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପାନୀୟ ଜଳର ସୁବିଧା ଯୋଗାଇ ଦେଇ ସ୍ଥାନୀୟ ଲୋକଙ୍କ ଭିତରେ ବିଶ୍ୱାସ ସୃଷ୍ଟି କରିଛନ୍ତି, କିନ୍ତୁ ଆନ୍ଧ୍ରର ଏହି ଅଯାଚିତ ଓ ଅନ୍ୟାୟପୂର୍ଣ୍ଣ ହସ୍ତକ୍ଷେପ କେବଳ ବିବଦାକୁ ଜୀବିତ ରଖିବା ଏବଂ ଓଡିଶାର ପବିତ୍ର ଭୂଖଣ୍ଡକୁ ବଳପୂର୍ବକ ଓ କୌଶଳକ୍ରମେ ହଡପ କରିବାର ଏକ ସୁଚିନ୍ତିତ ଷଡଯନ୍ତ୍ର ଛଡା ଆଉ କିଛି ନୁହେଁ । ଯେତେବେଳେ ସୀମା ବିବାଦର ଏହି ସମ୍ବେଦନଶୀଳ ମାମଲା ଦେଶର ସର୍ବୋଚ୍ଚ ଅଦାଲତରେ ବିଚାରଧୀନ ଅଛି, ସେତେବେଳେ ଜଣେ ପଡେଶୀ ରାଜ୍ୟର ଦାୟିତ୍ୱବାନ ମନ୍ତ୍ରୀ ଓ ସଚିବ ସ୍ତରୀୟ ଅଧିକାରୀମାନେ ସୀମା ପାର ହୋଇ ଓଡିଶା ମାଟିରେ ସଭାସମିତି କରିବା, ସ୍ଥାନୀୟ ପ୍ରଶାସନକୁ ଚ୍ୟାଲେଞ୍ଜ କରିବା ଏବଂ ଓଡିଶାର ସାର୍ବଭୌମତ୍ୱ ପ୍ରତି ଆଙ୍ଗୁଠି ଦେଖାଇବା ସମ୍ପୂର୍ଣ୍ଣ ଗେରଆଇନ, ଅସାମ୍ବିଧାନିକ ଏବଂ ସଂଘୀୟ ସଂସ୍କୃତିର ଚରମ ଅବମାନନା । ଏହି ନିରନ୍ତର ଏବଂ ଦୁଃସାହସିକ ଅନୁପ୍ରବେଶ ଓଡିଶାର ଆଇନ ଶୃଙ୍ଖଳା ଏବଂ ସୁରକ୍ଷା ବ୍ୟବସ୍ଥା ପ୍ରତି ଏକ ବିରାଟ ଆହ୍ୱାନ ସୃଷ୍ଟି କରୁଛି ଏବଂ ସ୍ଥାନୀୟ ଆଦିବାସୀ ଜନଜୀବନରେ ଏକ ପ୍ରକାରର ଅସ୍ଥିରତା, ଭୟ ଏବଂ ଅସୁରକ୍ଷିତ ଭାବନା ସୃଷ୍ଟି କରୁଛି, ଯାହା ଗ୍ରାମୀଣ ଅର୍ଥନୀତି ଓ ସାମାଜିକ ସନ୍ତୁଳନକୁ ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟାସ୍ତ କରିପକାଉଛି । ଏହି ଗୁରୁତର ସୀମାନ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଓଡିଶାର ପ୍ରଶାସନ, ଗୃହ ବିଭାଗ ଏବଂ ସୁରକ୍ଷା ବାହିନୀକୁ ଏବେ ଅଧିକ ଆକ୍ରମଣାତ୍ମକ, ସତର୍କ ଏବଂ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ପଡିବ, ଯେପରି ଆଗାମୀ ଦିନରେ ଆନ୍ଧ୍ରର କୌଣସି ପ୍ରତିନିଧି କିମ୍ବା ସରକାରୀ ଗାଡି ଓଡିଶାର ସୀମା ଭିତରକୁ ପ୍ରବେଶ କରିବାକୁ ସାହସ ସୁଦ୍ଧା କରିବେ ନାହିଁ । କୋଟିଆର ଗରିବ ଲୋକଙ୍କ ସରଳତା ଓ ଆର୍ଥିକ ଅନଗ୍ରସରତାର ଅସଦୁପଯୋଗ କରି ଆନ୍ଧ୍ର ଯେଉଁ ରାଜନୈତିକ ଖେଳ ଖେଳୁଛି, ତାହାର ସମୟ ଏତେ ସରିଯାଇଛି, କାରଣ ସମଗ୍ର ଓଡିଶାର ସାଢେ ଚାରି କୋଟି ଓଡିଆ ଜନସାଧାରଣ ଏବେ କୋଟିଆର ସୁରକ୍ଷା, ମାଟିର ସମ୍ମାନ ଏବଂ ସୀମାର ରକ୍ଷା ପାଇଁ ଦଳମତ, ଜାତି, ଧର୍ମ ନିର୍ବିଶେଷରେ ଏକଜୁଟ ହୋଇ ରାଜପଥକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଲେଣି । ଆନ୍ଧ୍ର ଶାସକ ଏବଂ ଅଫିସରମାନଙ୍କୁ ଏହା ସ୍ପଷ୍ଟ ଭାବେ ଏବଂ ଶାଣିତ ଶବ୍ଦରେ ବୁଝିବାକୁ ହେବ ଯେ ଓଡିଶାର ଶାନ୍ତିପ୍ରିୟ, ଧୈର୍ଯ୍ୟବାନ ଏବଂ ସହନଶୀଳ ମନୋଭାବକୁ ସେମାନେ ନିଜର ଦୁର୍ବଳତା ବୋଲି ଭାବିବା ଏକ ଐତିହାସିକ ଭୁଲ ହେବ, କାରଣ ନିଜର ଜନ୍ମମାଟି, ଭାଷା ଏବଂ ସୀମାନ୍ତ ଅଂଚଳର ସୁରକ୍ଷା ପାଇଁ ଓଡିଆ ଜାତି ଅତୀତରେ ଅସୀମା ସଂଗ୍ରାମ ଓ ବଳିଦାନ ଦେଇଛି ଏବଂ ଆବଶ୍ୟକ ପଡିଲେ କୋଟିଆର ପ୍ରତିଟି ଧୂଳିକଣାକୁ ରକ୍ଷା କରିବା ପାଇଁ ଯେକୌଣସି ସ୍ତରକୁ ଯାଇ ଲଢେଇ କରିବାକୁ ଏହି ବୀର ମାଟିର ସନ୍ତାନମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଏହି ବାରମ୍ବାର ଘଟୁଥିବା ଉତେଜନା ପରିସ୍ଥିତିକୁ ଚିରଦିନ ପାଇଁ ରୋକିବା ପାଇଁ ଓଡିଶା ସରକାର ସୀମାନ୍ତ ଅଂଚଳରେ ସ୍ଥାୟୀ ସଶସ୍ତ୍ର ପୋଲିସ କ୍ୟାମ୍ପ ସ୍ଥାପନ କରିବା, ନିରନ୍ତର ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଏବଂ ଓଡିଶାର ସମସ୍ତ ପ୍ରଶାସନିକ କାର୍ଯ୍ୟାଳୟ ଗୁଡିକର ଉପସ୍ଥିତି ଓ ସକ୍ରିୟତାକୁ କୋଟିଆରେ ଆହୁରି ଦ୍ୱିଗୁଣିତ କରିବା ଆବଶ୍ୟକ, ଯେପରି ଆନ୍ଧ୍ରର କୌଣସି ଅଧିକାରୀ ସୀମା ଉଲ୍ଲଂଘନ କରିବା ମାତ୍ରେ ସେମାନଙ୍କୁ ତୁରନ୍ତ ସେହି ମାଟିରେ ହିଁ ଗିରଫ କରାଯାଇ ଦୃଢ ଆଇନଗତ ଆକ୍ସନ ଗ୍ରହଣ କରାଯାଇ ପାରିବ । ଆନ୍ଧ୍ରର ମନ୍ତ୍ରୀମାନେ ଓଡିଶା ସୀମା ଭିତରେ ପଶି ଶସ୍ତା ଏବଂ ଗ୍ରାମୀଣ ରାଜନୀତିର ପ୍ରଲୋଭନକାରୀ ବଜାର ଖୋଲିବା ବନ୍ଦ କରି ନିଜ ରାଜ୍ୟର ଅସମାପ୍ତ ବିକାଶ ଓ ଆଭ୍ୟନ୍ତରୀଣ ସମସ୍ୟା ଉପରେ ଧ୍ୟାନ ଦେବା ଉଚିତ, କାରଣ ଓଡିଶାର ଜଳ, ସୁନ୍ଦର ପ୍ରକୃତି ଏବଂ ମାଟିର ମମତାରେ ପରିପୁଷ୍ଟ କୋଟିଆ କେବେ ହେଲେ କୌଣସି ବାହ୍ୟ ଶକ୍ତି ପାଇଁ ପର ହୋଇପାରିବ ନାହିଁ । ଏହି ସମ୍ପାଦକୀୟ ସ୍ତମ୍ଭ ମାଧ୍ୟମରେ ଆନ୍ଧ୍ର ପ୍ରଶାସନ ଏବଂ ତାଙ୍କର ଉଦ୍ଧତ ନେତୃବୃନ୍ଦଙ୍କୁ ଏକ ଶେଷ, ଚୂଡାନ୍ତ ଏବଂ ଦୃଢ ଚେତାବନୀ ଦିଆଯାଉଛି ଯେ ସେମାନେ ଓଡିଶାର ସହନଶୀଳତାର ପରୀକ୍ଷା ନେବା ତୁରନ୍ତ ବନ୍ଦ କରନ୍ତୁ, ନଚେତ୍ ଏହି ସୀମାନ୍ତ ବିବଦର ସାମାଜିକ ରାଜନୈତିକ ପରିଣତି ଆଗାମୀ ଦିନରେ ଦୁଇ ରାଜ୍ୟ ମଧ୍ୟରେ ଅତ୍ୟନ୍ତ ଭୟାବହ ଏବଂ କଟୁ ହେବ, ଯେଉଁଥିପାଇଁ କେବଳ ଆନ୍ଧ୍ର ସରକାରଙ୍କ ଆକ୍ରୋଶମୂଳକ ଜିଦ୍, ସାମ୍ରାଜ୍ୟବାଦୀ ଅହଂକାର ଏବଂ ବେଆଇନ କାର୍ଯ୍ୟକଳାପ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବ । ଓଡିଶାର ପ୍ରତିଟି ସଚେତନ ନାଗରିକ ଏବଂ ରାଜ୍ୟ ପ୍ରଶାସନ ଆଜି ସଂକଳ୍ପବଦ୍ଧ ଯେ ଆମେ ଆମର ଗୋଟିଏ ବି ଗ୍ରାମ ବା ଇଂଚେ ଜମି ପଡୋଶୀର ଲୋଭୀ ଶାସକଙ୍କ ହାତକୁ ଛାଡି ଦେବୁ ନାହିଁ, କାରଣ କୋଟିଆ ଅତୀତରେ ଓଡିଶାର ଥିଲା, ବର୍ତମାନ ଓଡିଶାର ଅଛି ଏବଂ ଆଗାମୀ ଭବିଷ୍ୟତରେ ମଧ୍ୟ ଏହା ଚିରକାଳ ଓଡିଶାର ଏକ ସାର୍ବଭୌମ ଓ ସ୍ୱତନ୍ତ୍ର ଅଂଶ ହୋଇରହିବ, ଯାହାକୁ କୌଣସି ବି ପ୍ରଲୋଭନ, ଚାପ କିମ୍ବା ବାହ୍ୟ ଶକ୍ତି ଓଡିଶା ମାନଚିତ୍ରରୁ ଅଲଗା କରିପାରିବ ନାହିଁ ।




ସମ୍ମାନ ଭବନ, ଫ୍ଲାଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ, -୭୫୧୦୦୨
ମୋ-୯୪୩୭୯୯୪୩୭୯



# ୮୦୦ ବର୍ଷ ତଳର ପ୍ରାଚୀନ ଐତିହ୍ୟ

**ଇତିହାସ କୁହେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ୧୧୧୨ ଖ୍ରୀଷ୍ଟାବ୍ଦ ରୁ ୧୧୪୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ହୋଇଥିଲା । ଏହି ଇତିହାସ ପ୍ରସିଦ୍ଧ ମନ୍ଦିରଟିକୁ ତତ୍କାଳୀନ ରାଜା ଅନଙ୍ଗ ବର୍ମନ ଚୋଡ଼ଗଙ୍ଗ ଦେବ ପ୍ରତିଷ୍ଠା କରାଇ ଥିଲେ । ପରବର୍ତ୍ତୀ ସମୟରେ ଅନଙ୍ଗଭୀମ ଦେବ ୧୧୭୪ ଖ୍ରୀଷ୍ଟାବ୍ଦରେ ଏହାକୁ ସମ୍ପୂର୍ଣ୍ଣ କରାଇଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ପରେ ଓଡିଶାରେ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ହୋଇଥିଲା । ଏହାର ପ୍ରଭାବ ଫଳରେ ଓଡିଶାର ଅନେକ ସ୍ଥାନରେ ଏହିପରି ଛୋଟ ବଡ ମନ୍ଦିର ଗଢ଼ି ଉଠିଥିଲା । ତନ୍ମଧ୍ୟରୁ ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ କୁକୁରଜଙ୍ଘା ସ୍ଥିତ ଏହି ସର୍ବ ପୁରାତନ ଶ୍ରୀ ପତିତପାବନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଅନ୍ୟତମ । ସଭ୍ୟତାର ପ୍ରଚ୍ଛଦ ପଟରେ ଥାଇ ମଧ୍ୟ ସେ ଆଜି ବି ତା'ର ଉପସ୍ଥିତିକୁ ଜାହିର କରି ଆସୁଛି ଓ ବଖାଣି ଆସୁଛି ତା'ର ପ୍ରାଚୀନତା ସମ୍ପର୍କରେ.........**

ପଶ୍ଚିମ ଓଡିଶା ସାଧାରଣତଃ ପୂର୍ବ ଓଡିଶା ପରି ଏତେଟା ଉନ୍ନତି ନଥିଲା । ଆଦିବାସି ଅଧ୍ୟୁଷିତ ଏହି ଅଂଚଳ ଗୁଡିକ ସାଧାରଣ ଜୀବନ ଠାରୁ ଅନେକ ଦୂରରେ ଥିଲା । ତଥାପି ଏହି ମନ୍ଦିରକୁ ଦେଖିଲେ ଜଣା ଯାଏ ଯେ ଏ ଜାତିର ପ୍ରାଚୀନ ଐତିହ୍ୟ ଓ ପରମ୍ପରାକୁ ବର୍ଷ ବର୍ଷ ଧରି ଏହି ମନ୍ଦିରଟି ଏ ଅଂଚଳରେ ଜୀବିତ ରଖିବାରେ ଚେଷ୍ଟା କରିଆସିଛି । ଏହା ମଧ୍ୟରେ ମନ୍ଦିର ତିଆରି ହେବାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ରାଜା ଆସିଛନ୍ତି ଯାଇଛନ୍ତି । ଅନେକ ଶାସକ ଆସିଛନ୍ତି ନିଜ ନିଜର ଶାସନ ଚଳାଇଛନ୍ତି । ସମୟ ସ୍ରୋତରେ ଶାସନ ବଦଳିଛି ତା' ସାଙ୍ଗକୁ ଶାସନ ପ୍ରଣାଳୀ ମଧ୍ୟ ବଦଳିଛି । କିନ୍ତୁ, ଏହି ମନ୍ଦିରର ନୀତି ନିୟମ ଏ ପର୍ଯ୍ୟନ୍ତ ପୂର୍ବଭଳି ବଳବତର ରହିଛି । ଆଜି ମଧ୍ୟ ଏହି ମନ୍ଦିର ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ନୀତିନିୟମ ଅନୁସାରେ ପରିଚାଳିତ । ରକ୍ଷଣାବେକ୍ଷଣ ସାଙ୍ଗକୁ ଅନ୍ୟାନ୍ୟ ଅନେକ ସମସ୍ୟା ତଥା ଅଭାବ ଅସୁବିଧା ଦେଇ ହୁଏତ ଏଇ ମନ୍ଦିର ଗତି କରୁଛି ସତ କିନ୍ତୁ ସେ ତାର ପରମ୍ପରା ଓ ନୀତି ଆଦର୍ଶକୁ କେବେ ଛାଡ଼ିପାରି ନାହିଁ । ସେ ଅନେକଙ୍କର ଦୃଷ୍ଟି ଆଢୁଆଳରେ ରହିଯାଇଛି ସତ ହେଲେ ଆମ ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଉଚିତ ଭାବରେ ରକ୍ଷା କରିବାରେ ତିଳେମାତ୍ର ଅବହେଳା କରିନାହିଁ । ଅକ୍ଲାନ୍ତ ପରିଶ୍ରମ ଓ ଚେଷ୍ଟା ତଥା ଅସରନ୍ତି ଅନ୍ୱେଷଣ କରିବା ପରେ କିଛି ତଥ୍ୟ, ଇତିହାସ ଓ ଜନଶ୍ରୁତିକୁ ଆଧାର କରି ଏ ମନ୍ଦିର ସମ୍ପର୍କରେ କିଛି ଉପାଦେୟ ବିବରଣୀ ସଂଗ୍ରହ କରାଯାଇଅଛି । ଉକ୍ତ ତଥ୍ୟ ଅନୁସାରେ ମନ୍ଦିରଟି ୧୨୧୫ ଖ୍ରୀଷ୍ଟାବ୍ଦ ରେ ତିଆରି ହୋଇଥିବାର ସୂଚନା ମିଳିଛି । କିମ୍ବଦନ୍ତୀ ଅନୁଯାୟୀ ଆଜକୁ ପ୍ରାୟ ୮୦୦ ବର୍ଷ ତଳର ଏ ଘଟଣା । କୁକୁରଜଙ୍ଘା ପଶ୍ଚିମ ଓଡିଶାସ୍ଥିତ ଝାରସୁଗୁଡା ଜିଲ୍ଲାର ଏକ ଅଖ୍ୟାତ ଗାଁ ଟିଏ । ସେ ଅଂଚଳର ତତ୍କାଳୀନ ରାଜା ଥିଲେ ମଧୁସୂଦନ ସିଂହ । ତାଙ୍କ ଅଧୀନରେ ରାମପୁର ଜମିଦାରୀ ଥିଲା । ସେ ବୈଷ୍ଣବ ଧର୍ମର ପୃଷ୍ଠପୋଷକ ଥିଲେ । ସେ ଶ୍ରୀକ୍ଷେତ୍ର ଯାଇ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗ ପାଇ ପରବର୍ତ୍ତୀ ସମୟରେ ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତି ଓ ବିଶ୍ୱାସ ଘନୀଭୂତ ହୋଇଥିଲା । ଶ୍ରୀ ଜଗନ୍ନାଥ ହେଉଛନ୍ତି ଭାବର ଠାକୁର । ଯେଉଁଠି ଭାବ ଓ ଭକ୍ତି ସେଇଠି ସ୍ୱୟଂ ନିଜେ ଆବିର୍ଭାବ ହୁଅନ୍ତି ଆମ କାଳିଆ ଠାକୁର । ଥରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଯେ ଆମେ ଚତୁର୍ଦ୍ଧାମୂର୍ତ୍ତି ବେହେରାପାଲି ନିକଟବର୍ତ୍ତୀ ଏକ ନିମ୍ବ ବୃକ୍ଷ ମୂଳେ ବ୍ରହ୍ମ ରୂପରେ ରହିଅଛୁ । ଏହି ଗ୍ରାମ ନିକଟରେ ତୁମେ ଆମର ଗୋଟିଏ ମନ୍ଦିର ତୋଳାଅ । ସେଠାରେ ଆମେ ବିଗ୍ରହ ରୂପରେ ପୂଜା ପାଇବୁ । ବର୍ତ୍ତମାନ ବେହେରାପାଲି ଗ୍ରାମଟି କୁକୁରଜଙ୍ଘା ଗ୍ରାମଠାରୁ ମାତ୍ର ୨ କିଲୋମିଟର ଦୂରରେ ଅବସ୍ଥିତ । ଏହି ଅଂଚଳଟି ରାଜାଙ୍କର ଜମିଦାରୀ ଅଧୀନସ୍ଥ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଯେମିତି ଭକ୍ତର ଭାବ ଓ ଭକ୍ତିକୁ ଅନାଇ ବସିଥାନ୍ତି, ଠିକ ସେମିତି ଭକ୍ତ ଟିଏ ମଧ ଠାକୁରଙ୍କୁ ଅନୁଭବ କରିବା ପାଇଁ ତାଙ୍କର ଟିକିଏ ସାନିଧ ପାଇବା ପାଇଁ ଆତୁର ହୋଇଥାଏ । ତତ୍କାଳୀନ ରାଜା ମଧୁସୂଦନ ସିଂହଙ୍କୁ ସ୍ୱପ୍ନାଦେଶ ହେଲା ପରେ ମହାପ୍ରଭୁ ତାଙ୍କୁ ମନ୍ଦିର ତୋଳିବା ପାଇଁ ଏହି ଗୁରୁ ଦାୟିତ୍ୱ ଦେଇଥିଲେ । ରାଜା ହୁଏତ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଥିବେ ତଥାପି ସାଧାରଣ ଭକ୍ତଟିଏ ପରି ସେ ମଧ ଠାକୁରଙ୍କୁ ପାଇବା ପାଇଁ ବିକଳ ହୋଇ ଉଠିଥିଲେ । ସଙ୍ଗେ ସଙ୍ଗେ ସେ ତୁରନ୍ତ ଲାଗିପଡିଲେ ମନ୍ଦିର ତୋଳିବା କାର୍ଯ୍ୟରେ । ଚତୁର୍ଦ୍ଦିଗରୁ ଆସିଲେ ମହାରଣା ମାନେ । ନିର୍ଦ୍ଧିଷ୍ଟ ସମୟରେ ରାଜାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ତୋଳାହେବା କାର୍ଯ୍ୟ ସମ୍ପନ୍ନ ହେଲା । ସଂଗୃହିତ ତଥ୍ୟାନୁସାରେ ୧୨୧୫ ଖ୍ରୀଷ୍ଟାବ୍ଦରେ ମନ୍ଦିର ନିର୍ମାଣ ଶେଷ ହେଲା ଏବଂ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନରେ ବିରାଜମାନ କଲେ । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ଠାକୁର ଏଠାରେ ପୂଜା ପାଇ ଆସୁଛନ୍ତି । ସମୟ ସୁଅରେ ଅନେକ ରାଜା ଏଠାରେ ରାଜୁତି କରି ପିଢ଼ି ପରେ ପିଢ଼ି ଠାକୁରଙ୍କ ସେବାରେ ନିଜକୁ ନିୟୋଜିତ କରିଆସିଛନ୍ତି । ପୂର୍ବକାଳର ପୂଜାର୍ଚ୍ଚନା ବିଧିରେ ପୁରୀ ଶ୍ରୀ ମନ୍ଦିର ନିୟମାବଳୀ ଅନୁସାରେ ଯାହାକି ଏ ଯାବତ୍ ଚାଲିଆସୁଛି । ଏ ପର୍ଯ୍ୟନ୍ତ ଶ୍ରୀ ଜୀଉଙ୍କର ରୀତିନୀତିରେ ପାଳନରେ କୌଣସି ବିଭ୍ରାଟ ଦେଖିବାକୁ ମିଳିନାହିଁ । ପ୍ରଭୁ ଶ୍ରୀ ଜଗନ୍ନାଥ ଦାରୁବ୍ରହ୍ମ ସତ କିନ୍ତୁ ତାଙ୍କର ପ୍ରତିଟି ଲୀଳା ରେ ରହିଛି ମାନବୀୟ ଜୀବନର ଅବିକଳ ପ୍ରତିଛବି । ଏଠାରେ ମଧ ଆମ ଠାକୁର ଜନ୍ମ ମୃତ୍ୟୁର ସତ୍ୟତାକୁ ପ୍ରତିପାଦନ କରିବାକୁ ଯାଇ ଇହଲୀଳା ସମ୍ବରଣ କରନ୍ତି । ସେ ସୂଚାଇ ଦିଅନ୍ତି ବ୍ରହ୍ମ ସତ୍ୟ ଜଗତ ମିଥ୍ୟା । ଠାକୁରଙ୍କ ଇହଲୀଳା ତ୍ୟାଗ ପରେ ତାଙ୍କର ବ୍ରହ୍ମ ପରିବର୍ତ୍ତନ କରାଯାଏ । ଏହି ଅବସରେ ଠାକୁରଙ୍କ ନବକଳେବର ନୀତି ସମ୍ପନ୍ନ କରା ଯାଇଥାଏ । ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ଯେମିତି ନୀତି ନିୟମର ସହିତ ଏହି ମହାନ କାର୍ଯ୍ୟକୁ ସମ୍ପାଦନ କରାଯାଏ, ଠିକ ଅନୁରୂପ ଭାବରେ ସେଇ ନିୟମାନୁସାରେ କୁକୁରଜଙ୍ଘା ମନ୍ଦିରରେ ମଧ ନବକଳେବର କରାଯାଇଥାଏ । ସ୍ୱପ୍ନାଦେଶରୁ ଆରମ୍ଭ କରି ଦାରୁ ସଂଗ୍ରହ ପର୍ଯ୍ୟନ୍ତ ପ୍ରତେକ କାର୍ଯ୍ୟକୁ ସୁଚାରୁରୂପରେ ସମାପନ କରା ଯାଇଥାଏ । କେବଳ ଏତିକି ନୁହେଁ ଏହା ସହିତ ଏହି ମନ୍ଦିରର ଅନେକ ବିଶେଷତ୍ୱ ରହିଛି ଯାହା ଉକ୍ତ ମନ୍ଦିରର ଭିନ୍ନତାର ପରିଚୟ ସୃଷ୍ଟି କରିଛି । ଏଠାକାର ରଥଯାତ୍ରା ଖୁବ ନିଆରା । ତିନି ଖଣ୍ଡବାଉଁଶ ଦ୍ୱାରା ରଥକୁ ଟଣା ଯିବାର ପରମ୍ପରା ରହିଛି । ଯାହା ଅନ୍ୟସ୍ଥାନ ରଥ ଯାତ୍ରା ଅପେକ୍ଷା ଭିନ୍ନ ମନେ ହେଇଥାଏ । ପୁରୀ ରଥ ଯାତ୍ରା ପରି ଏଠାରେ ଛେରା ପହରା ଏଠାକାର ଜମିଦାର ବଂଶଜ କରିଥାନ୍ତି । ଏବେ ଏହି ସେବାକୁ ବର୍ତ୍ତମାନ ଜମିଦାର ଅନିଲ ଉଦ୍ଧବ କୁମାର ସିଂହ ତୁଲାଉଛନ୍ତି । ରଥର ଉଚ୍ଚତା ୪୫ ଫୁଟ ଏବଂ ଚକ ସଂଖ୍ୟା ୧୬ । ତିନି ଠାକୁରଙ୍କ ପାଇଁ ଗୋଟିଏ ରଥ ତିଆରି ହୋଇଥାଏ । ସାଧାରଣତଃ ଓଡିଶାର ସମସ୍ତ ଜଗନ୍ନାଥ ମନ୍ଦିରରେ ଠାକୁର ନବଦିନାତ୍ମକ ଯାତ୍ରା ସାରି ଶ୍ରୀ ମନ୍ଦିରକୁ ବାହୁଡି ଆସିଥାଆନ୍ତି । କିନ୍ତୁ ଏଠାରେ ୧୪ ଦିନର ଯାତ୍ରା କରି ମହାପ୍ରଭୁ ଗୁରୁ ପୂର୍ଣ୍ଣମାରେ ମନ୍ଦିରକୁ ବାହୁଡ଼ିଥାନ୍ତି । ଦେଖିବାକୁ ଗଲେ ବର୍ତ୍ତମାନ ଝାରସୁଗୁଡାରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୁଏ । ଦୃତ ଶିକ୍ଷାୟାନ ଯୋଗୁଁ ଅନେକ ଛୋଟ ବଡ ଶିକ୍ଷାନୁଷ୍ଠାନ ଏ ସହରର କୋଣ ଅନୁକୋଣରେ ଗଢି ଉଠିଛି । କୋଇଲା ଖଣି ପାଇଁ ଏହି ସହର ବେଶ ପ୍ରସିଦ୍ଧ । ସବୁ କ୍ଷେତ୍ରରେ ଏ ଅଂଚଳ ଏତେ ଉନ୍ନତ ହେଇ ଥିଲେ ମଧ୍ୟ ଏହି ସର୍ବ ପୁରାତନ ମନ୍ଦିର ପ୍ରତି କାହାରି ଦୃଷ୍ଟି ପଡୁନାହିଁ । ଆଗପରି ଆଉ ସେ ରାଜା ଶାସନ ନାହିଁ କି ସେଇ ରାଜ ପରମ୍ପରା ବି ନାହିଁ । ରାଜା ମାନଙ୍କର ସମସ୍ତ ଅଧିକାର ସରକାର ପାଖକୁ ଚାଲି ଯାଇଛି । ମନ୍ଦିରର ଦାୟିତ୍ୱ ମଧ୍ୟ ସରକାରଙ୍କର ଦେବୋତର ଅଧୀନରେ ରହିଛି । ବର୍ତ୍ତମାନ କିନ୍ତୁ ଆମ ଏହି ସୁନ୍ଦର ମନ୍ଦିରଟି ସରକାରୀ ଉଦାସୀନତା ଓ ପ୍ରୋତ୍ସାହନର ଅଭାବ ଯୋଗୁଁ ମନ୍ଦିର ପରିଚାଳନା କମିଟି ଦ୍ୱାରା ମନ୍ଦିରଟିକୁ ସୂଚାରୁ ଭାବରେ ଚଳାଇବା ଦିନୁ ଦିନକୁ କଷ୍ଟସାଧ ହୋଇ ପଡିଛି । ମହାପ୍ରଭୁଙ୍କ ଇଛାରେ ଆମ ଓଡ଼ିଶା ସରକାରଙ୍କର ଟିକିଏ ଦୃଷ୍ଟି ଆକର୍ଷଣ ହେଲେ ୮୦୦ ବର୍ଷର ପୁରୁଣା କୀର୍ତିରାଜି ଆମର ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ ହୋଇ ରହିପାରନ୍ତା ।



◆ ଜୀବନ ମହାନ୍ତି
ଝାରସୁଗୁଡା, ୭୬୮୨୦୩,
ମୋ -୯୪୩୭୦୫୭୩୮୮

# ବିଳାସପୂର୍ଣ୍ଣ ଅଟ୍ଟାଳିକା




*ଆଂଟିଲା:* ବିଶ୍ୱ ରେକର୍ଡ ଭାଙ୍ଗିଥିବା ବିଶ୍ୱର ସବୁଠାରୁ ବିଳାସପୂର୍ଣ୍ଣ ଘର ରହିଛି ମୁମ୍ବାଇରେ । ୨୭ମହଲାର ଏହି ଅଟ୍ଟାଳିକାକୁ ଆଧୁନିକ ତାଜ୍ ମହଲ କୁହାଯାଉଛି । ପ୍ରାୟ ୧୦୦ କୋଟି ବିଲିଅନ୍ ଡଲାରରେ ନିର୍ମିତ ହୋଇଥିବା ଏହି ଘରଟିର ମାଲିକ ହେଉଛନ୍ତି ବିଶ୍ୱର ପଂଚମ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ । ୪୦ ହଜାର ବର୍ଗଫୁଟ ବିଶିଷ୍ଟ ଏହି ଘରଟି ସମସ୍ତ ପ୍ରକାରର ବିଳାସ ବ୍ୟସନରେ ଭରପୂର ।

*ଭିଲା ଲିଓପୋଲ୍ଡା:* ୟୁରୋପର ଅତ୍ୟଧିକ ବ୍ୟୟବହୁଳ ଘରଗୁଡିକ ମଧ୍ୟରେ ଅନ୍ୟତମ ହେଉଛି ଭିଲା ଲିଓପୋଲ୍ଡ । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦୬ ନିୟୁତ ଡଲାର । ୨୭ ମହଲା ବିଶିଷ୍ଟ ଏହି ଘରଟି ରାଜା ଲିଓପୋଲ୍ଡଙ୍କ ନାମାନୁସାରେ ନିର୍ମାଣ କରାଯାଇଥିଲା । ୧୯୦୨ ମସିହାରେ ରାଜା ଲିଓପୋଲ୍ଡ ତାଙ୍କ ରକ୍ଷିତା ବ୍ଲା□ ଜେଲିଆ ଯୋଶେଫିନ୍ ଡେଲାକ୍ରୋଇସ୍ଙ୍କ ଉଦ୍ଦେଶ୍ୟରେ ଏହି ଘର ନିର୍ମାଣ କରିଥିଲେ । ଫ୍ରେଂଚ୍ ରିଭେରିଆରେ ଅବସ୍ଥିତ ୮୦ ହଜାର ବର୍ଗ ଫୁଟ୍ର ଏହି ଘରେ ଦୁଇଟି ଗେଷ୍ଟ ହାଉସ୍ ନିର୍ମାଣ କରାଯାଇଥିଲା ଯାହାକି ୨୦ ଏକର ପରିମିତ ଜମି ଉପରେ ଅବସ୍ଥିତ । ଘର ସାମ୍ନାରେ ସେ ବ୍ୟକ୍ତିଗତ ଭାବେ ଏକ ବେଳାଭୂମି ରଖିଥିଲେ । ଯାହାକି ଦକ୍ଷିଣ ପ୍ରାନ୍ସର ସବୁଠାରୁ ସୁନ୍ଦର ବେଳାଭୂମିମାନଙ୍କ ମଧ୍ୟରେ ଅନ୍ୟତମ । ଏହା ବ୍ୟତୀତ ଏହି ଘରେ ୧୪ଟି ବାଥ୍ରୁମ୍, ୧୧ଟି ବେଡ୍ରୁମ୍, ବିଶାଳ ବଗିଚା ସହିତ ବହୁତ କିଛି ମହଜୁଦ ରହିଛି ।




*ଭିକ୍ଟୋରିଆନ୍ ଭିଲ୍ଲା:* ୟୁକ୍ରେନ୍ର ସବୁଠାରୁ ଦାମିକା ଘର କହିଲେ ଭିକ୍ଟୋରିଆନ୍ ଭିଲ୍ଲାକୁ ବୁଝାଏ । ଏହି ଘର ଏଲିନା ଫ୍ରା*କ୍ଙ୍କର । ଏଲିନା ୟୁକ୍ରେନ୍ର ଜଣେ ବଡ ମହିଳା ବ୍ୟବସାୟୀ ଓ ସମାଜସେବୀ ଥିଲେ । ପା□ ମହଲା ବିଶିଷ୍ଟ ଭିକ୍ଟୋରିଆନ୍ ଭିଲ୍ଲାରେ ସୁନ୍ଦର ସୁଇମିଙ୍ଗ୍ ପୁଲ୍, ଥିଏଟର୍, ଆକର୍ଷଣୀୟ ରୁମ୍ ଓ ଜିମ୍ ରହିଛି । ବିଶ୍ୱର ଦାମିକା ଓ ବିଳାସପୂର୍ଣ୍ଣ ଘରମାନଙ୍କ ମଧ୍ୟରେ ଭିକ୍ଟୋରିଆନ୍ ଭିଲ୍ଲା ଷଷ୍ଠ ସ୍ଥାନରେ ରହିଛି । ଲଣ୍ଡନରେ ଏହି ଘର ୧୬୧ ମିଲିଅନ୍ ଡଲାରରେ ବିକ୍ରି ହୋଇଛି ।




*ଡ୍ରାକୁଲାସ୍ କ୍ୟାସେଲ୍:* ରୋମର ବ୍ରାନ୍ଠାରେ ରହିଛି ଡ୍ରାକୁଲାସ୍ କ୍ୟାସେଲ୍ । ୧୩୫ ମିଲିଅନ୍ ଡଲାର ମୂଲ୍ୟର ଏହି ଘରଟି ବିଶ୍ୱର ଦାମିକା ଘରମାନଙ୍କ ମଧ୍ୟରେ ଗଣାଯାଏ । ୧୯୮୦ ମସିହାରେ ଡ୍ରାକୁଲାସ୍ କ୍ୟାସେଲ୍ ଏକ ସଂଗ୍ରହାଳୟରେ ପରିଣତ ହୋଇଥିଲା । ଏହି ସୁନ୍ଦର ଘରେ ୫୭ଟି କୋଠରି ଓ ୧୭ଟି ଶୟନ କକ୍ଷ ରହିଛି ।




*ପେଂଟ□ହାଉସ୍:* ଲଣ୍ଡନ ବିଷୟରେ ଚର୍ଚ୍ଚା ହେଲା ମାତ୍ରେ ସେ ସହର କେତେ ଖର୍ଚ୍ଚ ବହୁଳ ସେକଥା ବି ଆପେ ଆପେ ଆଲୋଚନାର ପରିସରକୁ ଆସିଯାଏ । ଲଣ୍ଡନର ହାଇଡ୍ ପାର୍କରେ ରହିଛି ଏଭଳି ଏକ ବିଳାସବହୁଳ ଆପାର୍ଟମେ□ ଯାହାର ପ୍ରତି ବର୍ଗ ଫୁଟ୍ର ମୂଲ୍ୟ ୬ ହଜାର ପାଉଣ୍ଡର । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦୦ ମିଲିଅନ୍ ଡଲାର । ତେଣୁ ରିଅଲ ଇଷ୍ଟେଟ୍ ଏଜେ□ମାନଙ୍କ ଆଖି ସବୁବେଳେ ଏହା ଉପରେ ହିଁ ଲାଖିଥାଏ । ଏହା ବିଶ୍ୱର ସବୁଠାରୁ ଅଧିକ ବ୍ୟୟବହୁଳ ଆପାର୍ଟମେଂଟ□ ।

✸✸✸✸✸

# ସ୍ଥାୟୀ ରୋଜଗାର ହିଁ ନୂଆ ଚାବିକାଠି; ଭାରତର ଆକାଂକ୍ଷୀ ଯୁବପିଢ଼ିର ଆଶା ଓ ବାସ୍ତବତା

ସାର୍ ଆର୍ଥର ଲେବିସ୍ ୧୯୫୪ ମସିହାରେ ଯେତେବେଳେ ଗରିବ ଅର୍ଥନୀତିଗୁଡ଼ିକ କିପରି ସମୃଦ୍ଧ ହୁଅନ୍ତି ତାହା ବ୍ୟାଖ୍ୟା କରିବାକୁ ବାହାରିଥିଲେ, ସେତେବେଳେ ସେ ବିକାଶର ମୁଖ୍ୟ ବିଷୟବସ୍ତୁକୁ ଜମା ପୁଞ୍ଜି ମଧ୍ୟରେ ଦେଖୁନଥିଲେ; ବରଂ ଶ୍ରମିକମାନେ ଗୁଜରାଣ ମେଂଟାଉଥିବା ପାରମ୍ପରିକ କୃଷି କ୍ଷେତ୍ରରୁ ବାହାରି ଶିଳ୍ପ ଏବଂ ସେବା କ୍ଷେତ୍ର ଭଳି ଅଧିକ ଲାଭଦାୟକ ବୃତି ଆଡ଼କୁ ସ୍ଥାନାନ୍ତରିତ ହେବା ମଧ୍ୟରେ ଚିହ୍ନଟ କରିଥିଲେ । ଏହି ପରିବର୍ତନ ପରବର୍ତୀ ସମୟରେ ଶିଳ୍ପାୟନ ଆଡ଼କୁ ଗତି କରୁଥିବା ପ୍ରତ୍ୟେକ ଦେଶର ଭବିଷ୍ୟତକୁ ନିୟନ୍ତ୍ରଣ କରିବ ବୋଲି ସେ ସଠିକ୍ ଭାବେ ଆକଳନ କରିଥିଲେ । ଭାରତ ଆଜି ଠିକ୍ ସେହି ଛକରେ ଛିଡ଼ା ହୋଇଛି, ଏବଂ ନୀତି ନିର୍ଦ୍ଧାରକମାନଙ୍କ ସାମ୍ନାରେ ପ୍ରଶ୍ନ ଏହା ନୁହେଁ ଯେ ପର୍ଯ୍ୟାପ୍ତ ଚାକିରି ଅଛି କି ନାହିଁ, ବରଂ ପ୍ରକୃତ ଆହ୍ୱାନପୂର୍ଣ୍ଣ ପ୍ରଶ୍ନ ହେଉଛି- ଅର୍ଥନୀତି ଏଭଳି ରୋଜଗାର ସୃଷ୍ଟି କରିପାରିବ କି, ଯାହା ସଂଖ୍ୟା ଦୃଷ୍ଟିରୁ ପର୍ଯ୍ୟାପ୍ତ ହେବ, ସ୍ୱରୂପରେ ଆନୁଷ୍ଠାନିକ (ଫର୍ମାଲ୍) ହେବ ଏବଂ ଜଣେ ଯୁବ ଶ୍ରମିକଙ୍କୁ ଜୀବନସାରା ବଢୁଥିବା ଉତ୍ପାଦନଶୀଳତା ଓ ସୁରକ୍ଷା ପ୍ରଦାନ କରିବା ପାଇଁ ଯଥେଷ୍ଟ ସକ୍ଷମ ହେବ । ଏହି କାର୍ଯ୍ୟର ବ୍ୟାପକତାକୁ ବେଶ୍ ଭଲ ଭାବେ ଉପସ୍ଥାପନ କରାଯାଇପାରିବ ଯେତେବେଳେ ଆମେ ଅର୍ଥନୀତିକ ସର୍ବେକ୍ଷଣ ୨୦୨୩-୨୪କୁ ଅନୁଧାନ କରିବା । ପର୍ଯ୍ୟାପ୍ତ ଶ୍ରମ ଶକ୍ତି ସର୍ବେକ୍ଷଣ ଏବଂ ଜନସଂଖ୍ୟାଗତ ଆକଳନକୁ ଆଧାର କରି ଏହି ରିପୋର୍ଟ ଦର୍ଶାଇଛି ଯେ, ଏହି ଦଶନ୍ଧିର ବାକି ଥିବା ବର୍ଷଗୁଡ଼ିକରେ ଅର୍ଥନୀତିକୁ ପ୍ରତିବର୍ଷ ପ୍ରାୟ ୭୮.୫ ଲକ୍ଷ ଅଣ-କୃଷି ଭିତିକ ଚାକିରି ସୃଷ୍ଟି କରିବାକୁ ହେବ । ଏହି ସଂଖ୍ୟା ଦୁଇଟି ମିଳିତ ଚାପରୁ ସୃଷ୍ଟି ହେଉଛି- ପ୍ରଥମତଃ, କାର୍ଯ୍ୟକ୍ଷେତ୍ରରେ ଅଂଶଗ୍ରହଣ ବୃଦ୍ଧି ପାଇବା ସହ ଶ୍ରମଶକ୍ତିର କ୍ରମାଗତ ଅଭିବୃଦ୍ଧି, ଏବଂ ଦ୍ୱିତୀୟତଃ, ଗଠନମୂଳକ ପରିବତର୍ତନ ଯୋଗୁଁ କୃଷି କ୍ଷେତ୍ରରୁ ବାହାରିବାକୁ ଥିବା ଶ୍ରମିକ, ଯାହାର ରୋଜଗାରରେ ଅଂଶ ଏବେ ମଧ୍ୟ ପ୍ରାୟ ୪୬ ପ୍ରତିଶତ ରହିଛି ଏବଂ ୨୦୪୭ ସୁଦ୍ଧା ଏହା ଏକ ଚତୁର୍ଥାଂଶକୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି । ଜୁଲାଇ ୨୦୨୫ରେ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ଏବଂ ପରବର୍ତୀ ମାସରୁ କାର୍ଯ୍ୟକାରୀ ହୋଇଥିବା 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' ହେଉଛି ସେହି ଅଭାବକୁ ଦୂର କରିବା ପାଇଁ ଏପର୍ଯ୍ୟନ୍ତ କରାଯାଇଥିବା ସବୁଠାରୁ ଯୋଗ୍ୟ ପ୍ରୟାସ । ଏହା ଜୁଲାଇ ୨୦୨୭ ପର୍ଯ୍ୟନ୍ତ ଦୁଇ ବର୍ଷ ମଧ୍ୟରେ ୩.୫ କୋଟିରୁ ଅଧିକ ଆନୁଷ୍ଠାନିକ ଚାକିରି ସୃଷ୍ଟି କରିବା ପାଇଁ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ ମାଧ୍ୟମରେ ୯୯,୪୪୬ କୋଟି ଟଙ୍କା ବିନିଯୋଗ କରୁଛି । ପ୍ରଥମ ଥର ପାଇଁ ଏକ ଇପିଏଫଓ-ପଞ୍ଜୀକୃତ ପ୍ରତିଷ୍ଠାନରେ ଯୋଗ ଦେଉଥିବା ଏବଂ ମାସକୁ ୧ ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ଶ୍ରମିକ ଦୁଇଟି କିସ୍ତିରେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ପାଇବାକୁ ଯୋଗ୍ୟ ହେବେ; ଯେଉଁଥିରେ ଦ୍ୱିତୀୟ କିସ୍ତିଟି ଏକ ଆର୍ଥିକ ସାକ୍ଷରତା ପାଠ୍ୟକ୍ରମ ଉପରେ ନିର୍ଭରଶୀଳ ଏବଂ ଏହା ସଂଚୟ ଆକାରରେ ରହିବ । ଅନ୍ୟପକ୍ଷରେ, ଯେଉଁ ନିଯୁକ୍ତିଦାତାମାନେ ଏକ ନିର୍ଦ୍ଧାରିତ ସୀମା ବାହାରେ ନିଜର କର୍ମଚାରୀ ସଂଖ୍ୟା ବୃଦ୍ଧି କରିବେ, ସେମାନେ ପ୍ରତ୍ୟେକ ନୂତନ ଶ୍ରମିକଙ୍କ ପାଇଁ ମାସକୁ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ପାଇବେ । ଏହି ସର୍ତଗୁଡ଼ିକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି ଯେପରି ଛୋଟ ଛୋଟ ସଂସ୍ଥାଗୁଡ଼ିକ ବାଦ୍ ନପଡ଼ି ଏଥିରେ ସାମିଲ ହୋଇପାରିବେ । ନୂତନ ନିଯୁକ୍ତି ପାଇଁ ଦିଆଯାଉଥିବା ପାରମ୍ପରିକ ତଥା ନିରାଶାଜନକ ସବସିଡି ଯୋଜନାଗୁଡ଼ିକ ତୁଳନାରେ ଏହି ସ୍କିମ୍ ଯଦି କିଛି ଉଚ୍ଚ ସ୍ତରକୁ ନେଉଥାଏ, ତାହା ହେଉଛି- ପ୍ରଥମ ସହାୟତା ରାଶି ମିଳିବା ପୂର୍ବରୁ ଛଅ ମାସର କ୍ରମାଗତ ରୋଜଗାରର ଆବଶ୍ୟକତା । କାରଣ ପ୍ରଥମ ଥର ପାଇଁ କାମ କରୁଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ସେତେବେଳେ ଲାଭଦାୟକ ହୁଏ ଯେତେବେଳେ ସେହି ଶ୍ରମିକ କାର୍ଯ୍ୟରେ ରହି ଉତ୍ପାଦନଶୀଳ ହୁଏ । ଏହି ସର୍ତ ପ୍ରାରମ୍ଭିକ ନିଯୁକ୍ତିକୁ ଏକ ପ୍ରକୃତ ପ୍ରତିବଦ୍ଧତାରେ ପରିଣତ କରେ; ଯାହା ନିଯୁକ୍ତିଦାତାଙ୍କୁ ତାଙ୍କ ପ୍ରଶିକ୍ଷଣ ଖର୍ଚ୍ଚ ଭରଣା କରିବା ପାଇଁ ପର୍ଯ୍ୟାପ୍ତ ସମୟ ପ୍ରଦାନ କରେ ଏବଂ ଶ୍ରମିକଙ୍କୁ ପ୍ରକୃତ ଦକ୍ଷତା ଏବଂ ଏକ ବିଶ୍ୱସନୀୟ ରେକର୍ଡ ତିଆରି ପାଇଁ କିଛି ମାସ ପ୍ରଦାନ କରେ । ଏହିପରି ଭାବେ, ଏହା କେବଳ ନିଯୁକ୍ତିକୁ ନୁହେଁ, ବରଂ କାର୍ଯ୍ୟରେ ବଜାୟ ରଖିବାର କଠିନ ଅନୁଶାସନକୁ ପୁରସ୍କୃତ କରେ, ଏବଂ ଏହା ଶ୍ରମିକଙ୍କ ପାଇଁ ଏକ ସ୍ଥାନାନ୍ତରଯୋଗ୍ୟ ନିଯୁକ୍ତି ଯୋଗ୍ୟତା ଟ୍ରାକ୍ ରେକର୍ଡ ସୃଷ୍ଟି କରେ । ଉତ୍ପାଦନ କ୍ଷେତ୍ର ଆଡ଼କୁ ଏହାର ପ୍ରମୁଖ ଆକର୍ଷଣ ରହିଛି, ଯେଉଁଠାରେ ନିଯୁକ୍ତିଦାତାଙ୍କ ପାଇଁ ପ୍ରୋତ୍ସାହନ ଦୁଇ ବର୍ଷ ପରିବର୍ତେ ଚାରି ବର୍ଷ ପାଇଁ ଚାଲିଥାଏ । ଏହି ଦ୍ୱିଗୁଣିତ ସମୟସୀମା ଶିଳ୍ପ କ୍ଷମତାର ଦୀର୍ଘ ପ୍ରସ୍ତୁତି ସମୟକୁ ସ୍ୱୀକାର କରେ ଏବଂ ଉତ୍ପାଦନକାରୀଙ୍କ ଚିନ୍ତାଧାରାକୁ ସମୟ ପୂର୍ବରୁ ସ୍ୱୟଂକ୍ରିୟକରଣ ମାଧ୍ୟମରେ ଶ୍ରମ ବଦଳାଇବା ପରିବର୍ତେ ଶ୍ରମଶକ୍ତିର ସମ୍ପ୍ରସାରଣ କରିବା ଦିଗରେ ପ୍ରେରିତ କରେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଆଭିମୁଖ୍ୟକୁ ଏକ ବୈଶ୍ୱିକ ଉତ୍ପାଦନ କେନ୍ଦ୍ର ଭାବେ ଦେଶକୁ ଗଢ଼ି ତୋଳିବାର ବାସ୍ତବିକ ଆକାଂକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ସରକାର ସ୍ୱୀକାର କରିଛନ୍ତି । ଇପିଏଫଓ ମାଧ୍ୟମରେ, ସାମିଲ ହୋଇଥିବା ପ୍ରତ୍ୟେକ ଶ୍ରମିକ ଏକ ୟୁନିଭର୍ସାଲ୍ ଆକାଉଂଟ୍ ନମ୍ବର ଏବଂ ସାମାଜିକ ସୁରକ୍ଷାର ପ୍ରଥମ ସ୍ୱାଦ ପାଉଛନ୍ତି, ଯାହା ଅଧିକାଂଶ ଅଣଆନୁଷ୍ଠାନିକ ଶ୍ରମିକ କେବେ ଜାଣିନଥିଲେ । ଏହାର ପ୍ରାରମ୍ଭିକ ଫଳାଫଳ ବେଶ୍ ଉତ୍ସାହଜନକ, ଯେଉଁଥିରେ ଏହାର ଶୁଭାରମ୍ଭ ପରଠାରୁ ପ୍ରାୟ ୬୦ ଲକ୍ଷ ପ୍ରଥମ-ଥର ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି; ସେମାନଙ୍କ ମଧ୍ୟରୁ ଅଧିକାଂଶ ୩୦ ବର୍ଷରୁ କମ୍ ବୟସର ଏବଂ ୧୮ ଲକ୍ଷରୁ ଅଧିକ ମହିଳା ଅଟନ୍ତି । ଅନ୍ୟପକ୍ଷରେ, ପ୍ରାୟ ୧.୭୭ ଲକ୍ଷ ପ୍ରତିଷ୍ଠାନ, ଯେଉଁଥିରୁ ଅଧିକାଂଶ ଛୋଟ ସଂସ୍ଥା ଯେଉଁଠାରେ ଦୀର୍ଘ ଦିନ ଧରି ଅଣଆନୁଷ୍ଠାନିକତା କେନ୍ଦ୍ରୀଭୂତ ହୋଇ ରହିଥିଲା, ସେମାନେ ୬୬ ଲକ୍ଷରୁ ଅଧିକ ସୁଯୋଗ ସୃଷ୍ଟି କରିଛନ୍ତି । ତେବେ, ଏକ ଉତ୍ସାହଜନକ ଆରମ୍ଭକୁ ସମ୍ପୂର୍ଣ୍ଣ ରୂପାନ୍ତର ବୋଲି ଭାବିବା ଅବିବେକିତା ହେବ । ଜାଲିଆତିରେ ଜଡ଼ିତ ପ୍ରତିଷ୍ଠାନଗୁଡ଼ିକୁ ଏଥିରୁ ବାଦ୍ ଦେବା, ଚାକିରି କେବଳ କାଗଜପତ୍ରରେ ଘୋଷଣା ନହୋଇ ପ୍ରକୃତରେ ଜାରି ରହିଛି କି ନାହିଁ ତାହା ନିଶ୍ଚିତ କରୁଥିବା ଷଣ୍ମାସିକ ଇଲେକ୍ଟ୍ରୋନିକ୍ ରିଟର୍ଣ୍ଣ ଏବଂ ଏହାର ସ୍ୱୟଂକ୍ରିୟ ଅର୍ଥ ପ୍ରଦାନ ବ୍ୟବସ୍ଥା ଏକ ସ୍ୱାଗତଯୋଗ୍ୟ ସଚେତନତାକୁ ପ୍ରତିଫଳିତ କରିବା ଦ୍ୱାରା ହିଁ ଏହି ଯୋଜନାକୁ ସୁରକ୍ଷା ଦେଇପାରିବ । ଏହା ଦର୍ଶାଏ ଯେ, ଏଭଳି ଯୋଜନାଗୁଡ଼ିକରେ ସେହି ନିଯୁକ୍ତିକୁ ପୁରସ୍କୃତ କରିବାରୁ ବଂଚିବାକୁ ହେବ ଯାହା କୌଣସି ପ୍ରୋତ୍ସାହନ ବିନା ମଧ୍ୟ ସ୍ୱାଭାବିକ ଭାବେ ହୋଇଥାନ୍ତା । ଏହାର ପ୍ରକୃତ ମୂଲ୍ୟାଙ୍କନ ପ୍ରଥମ ବର୍ଷର ପଞ୍ଜୀକରଣ ସଂଖ୍ୟାରେ ନାହିଁ, ବରଂ ସୃଷ୍ଟି ହୋଇଥିବା ଚାକିରିଗୁଡ଼ିକ ପ୍ରୋତ୍ସାହନ ଅବଧି ଶେଷ ହେବା ପରେ ମଧ୍ୟ ସ୍ଥାୟୀ ରହୁଛି କି ନାହିଁ, ଏବଂ ଏହା ଦ୍ୱାରା ସୃଷ୍ଟି ହେଉଥିବା ଚାହିଦା ଅନୁଯାୟୀ ନିଯୁକ୍ତି ଯୋଗ୍ୟ ଯୁବକ ସୁଲଭ ହେଉଛନ୍ତି କି ନାହିଁ ତାହାକୁ ଅନୁଶୀଳନ କରିବାରେ ଅନ୍ତର୍ନିହିତ । ଏହି କାରଣରୁ ଏହି ଯୋଜନାର ଭାଗ୍ୟ ଦକ୍ଷତା ବିକାଶ କ୍ଷେତ୍ରରେ କରାଯାଉଥିବା ସମାନ୍ତରାଳ ପୁଞ୍ଜିନିବେଶ ସହ ଓତପ୍ରୋତ ଭାବେ ଜଡ଼ିତ । ଏଠାରେ ମନେ ରଖିବା ଉଚିତ ଯେ ବେକାରୀ ସମସ୍ୟା କେବଳ ଆୟ ଉପରେ ପ୍ରଭାବ ପକାଏ ନାହିଁ, ବରଂ ଏହା ଦକ୍ଷତା, ଆତ୍ମସମ୍ମାନ ଏବଂ ସମାଜରେ କୌଣସି ବ୍ୟକ୍ତିର ସ୍ଥାନକୁ ମଧ୍ୟ ଅବକ୍ଷୟ କରାଏ । ଭୋଲଟେୟାର୍ ମଧ୍ୟ ଏହି କଥା କହିଥିଲେ ଯେତେବେଳେ ସେ 'କ୍ୟାଣ୍ଡିଡ'ର ନିଷ୍କର୍ଷରେ ଉଲ୍ଲେଖ କରିଥିଲେ ଯେ- ଶ୍ରମ ମଣିଷକୁ ତିନୋଟି ବଡ଼ ଅନିଷ୍ଟରୁ ଦୂରେଇ ରଖେ, ସେଗୁଡ଼ିକ ହେଲା- ବିରକ୍ତିଭାବ, ଦୁର୍ଗୁଣ ଏବଂ ଅଭାବ । ଏହିଭଳି ଏକ ଯୋଜନା ଶେଷରେ ସେତେବେଳେ ମୂଲ୍ୟବାନ ମନେହୁଏ, ଯେତେବେଳେ ଏହା ରୋଜଗାରର ସେହି ବ୍ୟାପକ ଅର୍ଥକୁ ବୁଝିପାରେ; ଯେଉଁଠି ଏକ ଆନୁଷ୍ଠାନିକ ଚାକିରିକୁ କେବଳ ଗଣତି କରିବା ପାଇଁ ଏକ ପରିସଂଖ୍ୟାନ ଭାବେ ନଦେଖି, କାର୍ଯ୍ୟକ୍ଷମ ଜୀବନର ପ୍ରଥମ ସୁରକ୍ଷିତ ପାହାଚ ଭାବେ ଗ୍ରହଣ କରାଯାଏ । ବର୍ତମାନର କାର୍ଯ୍ୟ ହେଉଛି, ଯେତେ ବେଳେ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ଅର୍ଥନୀତି ଆଡ଼କୁ ନିଜର ଯାତ୍ରା ସ୍ଥିର କରୁଛି, ଏହି ଯୋଜନାରେ ଥିବା ଧୈର୍ଯ୍ୟକୁ ବଜାୟ ରଖିବାକୁ ହେବ ଏବଂ ଯୁବକମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ରୋଜଗାର- ତାହା ଯେପରି କେବଳ କୌଣସି ଏକ ପ୍ରୋତ୍ସାହନ ଋତୁ ମଧ୍ୟରେ ସୀମିତ ନରହି, ଏକ ସମ୍ପୂର୍ଣ୍ଣ ପିଢ଼ି ପାଇଁ ସ୍ଥାୟୀ, ଉତ୍ପାଦନଶୀଳ ଏବଂ ସମ୍ମାନଜନକ କାର୍ଯ୍ୟ ମାଧ୍ୟମରେ ସାକାର ହୋଇପାରିବ- ତାହାକୁ ପ୍ରଧାନମନ୍ତ୍ରୀ ଜାତୀୟ ପ୍ରକଳ୍ପର କେନ୍ଦ୍ରବିନ୍ଦୁରେ ରଖିଛନ୍ତି ।



ଡଃ ଭି. ଅନନ୍ତ ନାଗେଶ୍ୱରନ୍

***(ଲେଖକ ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅଟନ୍ତି)***

# ଏମସିଏଲ୍‌ରେ ସ୍ୱଚ୍ଛତା ପକ୍ଷ-୨୦୨୬ର ଶୁଭାରମ୍ଭ

ସମ୍ବଲପୁର(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ନିଜର ମୁଖ୍ୟାଳୟ ଏବଂ ସମସ୍ତ କାର୍ଯ୍ୟକ୍ଷେତ୍ରରେ 'ସ୍ୱଚ୍ଛତା ପକ୍ଷ-୨୦୨୬'ର ଶୁଭାରମ୍ଭ କରିଛି । ଜୁନ୍ ୩୦, ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପକ୍ଷପାଳନ ମାଧ୍ୟମରେ ଏମସିଏଲ୍, ସ୍ୱଚ୍ଛତା, ପରିବେଶର ସୁରକ୍ଷା ଏବଂ ଜନଭାଗିଦାରୀ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ୀଭୂତ କରିବ । ଅଧକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ଉଦୟ ଅନନ୍ତ କାଓଲେ, ନିର୍ଦ୍ଦେଶକ ଗଣ ଏବଂ ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ)ଙ୍କ ଉପସ୍ଥିତିରେ କମ୍ପାନୀ ମୁଖ୍ୟାଳୟରେ ଏହି ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ କରିବା ସହ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ । ଏହି ଅବସରରେ ଏକ 'ସ୍ୱଚ୍ଛତା ରଥ'କୁ ମଧ୍ୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା, ଯାହା ଏମସିଏଲ୍‌ର ଆଖପାଖ ଅଂଚଳରେ ସ୍ୱଚ୍ଛତା, ସଫେଇ, ସୁସ୍ଥ ଜୀବନଶୈଳୀ ଏବଂ ଦାୟିତ୍ୱବାନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସ୍ଥାନୀୟ ସମୁଦାୟକୁ ସଚେତନ କରିବ । ଏହି ଅବସରରେ ଶ୍ରୀ କାଓଲେ ଏମସିଏଲ୍‌ର ପ୍ରମୁଖ ସି.ଏସ୍.ଆର୍ ପ୍ରକଳ୍ପ 'ସମଗ୍ର ସାମୁଦାୟିକ ବିକାଶ କାର୍ଯ୍ୟକ୍ରମ (ସିସିଡିପି– ଉତଥାନ)'ର ପ୍ରଦର୍ଶନୀ ମଡେଲର ଉନ୍ମୋଚନ କରିଥିଲେ । ଏହି ମଡେଲରେ ଏମସିଏଲ୍ ଦ୍ୱାରା ନିଜର କାର୍ଯ୍ୟକାରୀ ଜିଲ୍ଲାଗୁଡ଼ିକରେ ପରିଚାଳିତ ବିଭିନ୍ନ ସ୍ଥାୟୀ ଜୀବିକା ଭିତିକ ପଦକ୍ଷେପ, ଯେପରିକି କୃଷି ଓ ଉଦ୍ୟାନ କୃଷି, ପଶୁପାଳନ, ଗୋପାଳନ ଓ ପଶୁଧନ ବିକାଶ, କୃତ୍ରିମ ଗର୍ଭାଧାନ, ଜଳ ସମ୍ପଦ ବିକାଶ ଏବଂ ଅନ୍ୟାନ୍ୟ ସାମୁଦାୟିକ ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଦର୍ଶିତ କରାଯାଇଛି । ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର ତତ୍ୱାବଧାନରେ ଆୟୋଜିତ ଏହି ଅଭିଯାନ ଅନ୍ତର୍ଗତରେ, ପନ୍ଦର ଦିନ ବ୍ୟାପୀ କମ୍ପାନୀ ମୁଖ୍ୟାଳୟ ଏବଂ ସମସ୍ତ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ଜନ-ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିରେ ପଥପ୍ରାନ୍ତ ନାଟକ (ନୁକ୍କଡ ନାଟକ), ସାର୍ବଜନୀନ ସ୍ଥାନଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ, ବିଭିନ୍ନ ପ୍ରତିଯୋଗିତା, ସ୍ୱଚ୍ଛତା କର୍ମୀମାନଙ୍କୁ ସମ୍ମାନିତ କରିବା ଏବଂ 'ଏକ ଗଛ ମା' ନାଁରେ' ପଦକ୍ଷେପ ଅଧୀନରେ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ ସାମିଲ ରହିଛି ।



# 'ଦୁଇ ବର୍ଷର ଜନସମ୍ପର୍କ' କାର୍ଯ୍ୟକ୍ରମ ଅନୁଷ୍ଠିତ

ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ଆଜି 'ଦୁଇ ବର୍ଷର ଜନସମ୍ପର୍କ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଭଦ୍ରକ ଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବା । ଏହି କାର୍ଯ୍ୟକ୍ରମରେ ବ୍ଲକ ର ବିଡ଼ିଓ ବନବିହାରୀ ଦିଣ୍ଡା ସଭାପତିତ୍ୱ କରିଥିଲେ । ସେବାଶ୍ରମ ସ୍କୁଲର ଶିକ୍ଷକ ଉତମ ସେଠୀ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଚାଳନ କରିଥିବା ବେଳେ ସାମାଜିକ ଅଧିକାରୀ ଚିରଞ୍ଜୀବୀ ପଟ୍ଟନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପୁହାଣ, ସାଂସଦ ପ୍ରତିନିଧି ମନୋଜ କୁମାର ମଲିକ, ସିଡିପିଓ ଦମୟନ୍ତୀ ଦେଇ, ଆଇନଜୀବୀ ନିରାକାର ଜେନା, ପୂର୍ବତନ ସରପଂଚ ପ୍ରମୋଦ ସୂତାର, ରାଜେନ୍ଦ୍ର ଦାସ, ଅନିରୁଦ୍ଧ ସାହୁ ଏବଂ ପୂର୍ବତନ ସମିତି ସଭ୍ୟ ଶ୍ରୀକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ । ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଂଚିବ, ସେ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସର ରେ ବିବାହ ର ଜାତି ଭେଦ ନ ରଖି ବିବାହ କରୁଥିବା ୪ ଜଣ ବର କନ୍ୟା ଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରା ଯାଇଥିଲା, ଏବଂ ଦୁଇ ଟି ସ୍ୱୟ ସହାୟକ ଗୋଷ୍ଠି କୁ ମାଛ କରି ସଫଳ ହୋଇ ଥିବାରୁ ତାଙ୍କ ସରକାର ଙ୍କ ପକ୍ଷରୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରା ଯାଇଥିଲା ।ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସରକାରୀ ସେବା ସମ୍ପର୍କରେ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ ଏବଂ ବହୁ ସଂଖ୍ୟାରେ ହିତାଧିକାରୀମାନେ ଅଂଶଗ୍ରହଣ କରିଥିଲେ ।




# ପରକୀୟା ପ୍ରୀତିର ପରିଣାମ: ସାଙ୍ଗ ମାରି ପୋତି ଦେଲା ସାଙ୍ଗକୁ

ଉଦଳା(ନିପ୍ର): ଦୁଇ ଯୁବକଙ୍କ ଭିତରେ ଗଢି ଉଠିଥିଲା ମଧୁର ସଂପର୍କ ତାର ବଡ କାରଣ ସେ ଦୁଇଜଣଙ୍କ ନାମ ଥିଲା ବିରେନ୍ଦ୍ର । ହଠାତ ଦୁହିଁଙ୍କ ଭିତରେ ନିବିଡତା ବଦଳରେ ଦେଖାଯାଇ ଥିଲା ଶତ୍ରୁତା କେବଳ ପରକୀୟା ପ୍ରୀତିକୁ ନେଇ । ସାଙ୍ଗ ଘରେ ନଥିବା ବେଳେ ସାଙ୍ଗର ସ୍ତ୍ରୀ ସହିତ ଯୋଡ଼ି ହେବା ସଂପର୍କ ହିଁ କାଳ ହୋଇ ଥିଲା । ବାଲେଶ୍ୱର ଜିଲ୍ଲାର ବ୍ରହ୍ମପୁର ଥାନା ଜାମୁନା ଗାଁରେ ଏହି ଘଟଣା ଘଟିଛି । ଜାମୁନା ଗାଁରେ ରହୁଥିବା ବିରେନ୍ଦ୍ର ବେହେରା ଗବପାଳ ଗାଁର ବିରେନ୍ଦ୍ର ମଢେଇଙ୍କ ସ୍ତ୍ରୀ ସହିତ ରଖିଥିଲେ ଶାରୀରିକ ସମ୍ପର୍କ । ବନ୍ଧୁର ଅନୁପସ୍ଥିତିରେ ତା ସ୍ତ୍ରୀ ସହିତ ପାପ ସମ୍ପର୍କକୁ ନେଇ ଗ୍ରାମରେ ବିବାଦ ଲାଗି ରହିଥିଲା । ଏହାକୁ ନେଇ ଗ୍ରାମରେ ବୁଝାମଣା କରାଯାଇ ଥିଲା । ପରବର୍ତୀ ସମୟରେ ଏହି ବିବାଦ ଭୟଂକର ରୂପ ନେଇଥିଲା । ଗତମାସ ୨୫ ତାରିଖ ଦିନ ବିରେନ୍ଦ୍ରଙ୍କୁ ଯାମୁନାରୁ ଅପହରଣ କରି ନେଇ ମୟୁରଭଞ୍ଜ ଜିଲ୍ଲାର ଉଦଳା ବ୍ଲକର ବଡସିଙ୍ଗାରିଆର ନିଛାଟିଆ ସ୍ଥାନରେ ତାଙ୍କୁ ମାରି ସେହି ପାଖରେ ଗାତ ଖୋଳି ପୋତି ଦେଇଥିଲେ । ବ୍ରହ୍ମପୁର ପୋଲିସ ଏ ଘଟଣା ତଦନ୍ତ କରି ଅଭିଯୁକ୍ତ ବିରେନ୍ଦ୍ରକୁ ବଡସିଙ୍ଗାରିଆକୁ ଆଣି ପୋତି ଥିବା ଜାଗାରେ ପହଂଚି ଥିଲେ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ଶବ ବାହାର କରାଯାଇ ଥିଲା । ପୋଲିସ ଶବକୁ ପାଇସାରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ଅଭିଯୁକ୍ତକୁ ଜେରା ଚାଲୁ ରଖାଯାଇଛି । ଏହି ଘଟଣାଟି ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଚାଂଚଲ୍ୟ ସୃଷ୍ଟି କରି ଅଛି ।

# ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବଙ୍କ ଝାରସୁଗୁଡ଼ା ଜିଲ୍ଲା ଗସ୍ତ

ଝାରସୁଗୁଡ଼ା(ନିପ୍ର): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଆଜି ଝାରସୁଗୁଡ଼ା ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ସେବା କେନ୍ଦ୍ରଗୁଡ଼ିକର କ୍ଷେତ୍ର ପରିଦର୍ଶନ କରିଛନ୍ତି । ସେ ଲଖନପୁର ଆଇସିଡିଏସ ପ୍ରକଳ୍ପ ଅଧୀନରେ ଥିବା ଜୟବୁଡ଼ିଆ ଏବଂ ବର୍ତାପ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । ଏହି କ୍ଷେତ୍ର ପରିଦର୍ଶନ ସମୟରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡତିଆ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ୍ ମହାରଣା ଏବଂ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଗସ୍ତ ସମୟରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁମାନଙ୍କ ମାତାମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । କେନ୍ଦ୍ରରେ ରନ୍ଧାଖାଦ୍ୟ, ସକାଳ ଜଳଖିଆ ଏବଂ ଟିଏଚଆର ବଂଟନ ସଠିକ୍ ଭାବେ ଓ ନିୟମିତ ମିଳୁଛି କି ନାହିଁ, ସେ ନେଇ ସେ ପଚାରି ବୁଝିଥିଲେ । ଏହା ସହିତ ସାମ୍ (ଝଇଗ - ଅତି ମାତ୍ରାରେ ଅପୁଷ୍ଟି ଜନିତ) ଏବଂ ମାମ୍ (ଗଇଗ - ମଧ୍ୟମ ଧରଣର ଅପୁଷ୍ଟି ଜନିତ) ଶିଶୁମାନଙ୍କର ମାତାମାନଙ୍କୁ ପୁଷ୍ଟିସାଧନ କେନ୍ଦ୍ର ର ପରାମର୍ଶ ଏବଂ ସେଠାରେ ମିଳୁଥିବା ମାଗଣା ଚିକିତ୍ସା ଓ ପୁଷ୍ଟିକର ସହାୟତା ଗ୍ରହଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ଛାଡ଼ିଥିବା କିଶୋରୀ ବାଳିକାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଦକ୍ଷତା ବିକାଶ ତାଲିମ ଏବଂ ନିଯୁକ୍ତି ସୁଯୋଗ ସହ ଯୋଡ଼ିବା ପାଇଁ ସେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଂଚପଡ଼ା ଟିଏଚଆର ୟୁନିଟ୍ ସମେତ ବ୍ରଜରାଜନଗର ମାଆ ମଙ୍ଗଳା ଟିଏଚଆର ୟୁନିଟ୍ ପରିଦର୍ଶନ କରି ସେଠାରେ ଖାଦ୍ୟ ସାମଗ୍ରୀର ପ୍ୟାକେଜିଂ ଏବଂ ଗଚ୍ଛିତ ପ୍ରକ୍ରିୟା ଯାଂଚ ଏହାପରେ ସଚିବ ଡ. ଦର୍ଶୱାଲ 'ସେହାଡ଼ା' (SEHADA) ଦ୍ୱାରା ପରିଚାଳିତ ମହିଳା ଆଶ୍ରୟ ଗୃହ 'ଶକ୍ତି ସଦନ' ପରିଦର୍ଶନ କରିଥିଲେ । ସେଠାରେ ସେ ଆଶ୍ରୟ ନେଇଥିବା ପୀଡ଼ିତା ମହିଳାମାନଙ୍କ ସହ ସେମାନଙ୍କ ସୁଖ-ଦୁଃଖ ବିଷୟରେ ଆଲୋଚନା କରିଥିଲେ ଏବଂ ସଂସ୍ଥାର କର୍ମଚାରୀମାନଙ୍କ ସହ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ସମୀକ୍ଷା କରିଥିଲେ । ମହିଳାମାନଙ୍କର ପୁନର୍ବାସ ଏବଂ ସମାଜର ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବା ପାଇଁ 'ସେହାଡ଼ା'ର ପ୍ରୟାସକୁ ସଚିବ ଉଚ୍ଚ ପ୍ରଶଂସା କରିଥିଲେ । ପୀଡ଼ିତାମାନଙ୍କ ସର୍ବୋତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯେଉଁଠି ସମ୍ଭବ ସେମାନଙ୍କୁ ପରିବାର ଏବଂ ଶ୍ୱଶୁର ଘର ଲୋକଙ୍କ ସହ ବୁଝାମଣା ମାଧ୍ୟମରେ ପୁନଃ ଏକାଠି କରିବା ପାଇଁ ଆବଶ୍ୟକୀୟ ସହଯୋଗ ଓ ସମନ୍ୱୟ ରକ୍ଷା କରିବାକୁ ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଗସ୍ତ ଶେଷରେ ଶକ୍ତି ସଦନର ସାମଗ୍ରୀକ ପରିଚାଳନା ନେଇ ସେ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ଏହା ମହିଳା ଓ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ତଥା ସ୍ନେହପୂର୍ଣ୍ଣ ବାତାବରଣ ଯୋଗାଇବାରେ ସଫଳ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ ।



# ଶୀତଳ ଷଷ୍ଠୀ ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ସମ୍ବଲପୁର : (ହି.ସ.) – ଶୀତଳ ଷଷ୍ଠୀ ମହୋତ୍ସବ ୨୦୨୬କୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ପାଳନ ପାଇଁ ସମ୍ବଲପୁର ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା, ଟ୍ରାଫିକ୍, ଭିଡ଼ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁବିଧା ନିମନ୍ତେ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରାଯାଇଥିବା ନେଇ ଆଜି ଜିଲ୍ଲା ପୁଲିସ ଅଧୀକ୍ଷକ ମୁକେଶ ଭାମୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏସ୍ପିଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ଜିଲ୍ଲାରେ ମୋଟ ୩୩ଟି ଶୀତଳ ଷଷ୍ଠୀ ବିବାହ ଶୋଭାଯାତ୍ରା ଆୟୋଜିତ ହେବ । ସେଥିମଧ୍ୟରୁ ୨୮ଟି ଶୋଭାଯାତ୍ରା ସମ୍ବଲପୁର ମହାନଗର ନିଗମ ଅଂଚଳରେ ଅନୁଷ୍ଠିତ ହେବ । ସମ୍ବଲପୁର ସହରରେ ୬ଟି ଭବ୍ୟ ବିବାହ ଶୋଭାଯାତ୍ରା ଓ ୧୨ଟି ପ୍ରତ୍ୟାବର୍ତନ ଶୋଭାଯାତ୍ରା ଆୟୋଜନ ହେବାକୁ ଥିବାବେଳେ ଏଥିରେ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟର ବହୁ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକ ସାମିଲ ହେବେ । ମହୋତ୍ସବର ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ମୁତୟନ ଯୋଜନା କରାଯାଇଛି । ଏଥିପାଇଁ ୭ ଜଣ ଅତିରିକ୍ତ ଏସ୍ପି, ୨୧ ଜଣ ଡିଏସ୍ପି, ୪୬ ଜଣ ଇନ୍ସପେକ୍ଟର, ୧୦୬ ଜଣ ଏସ୍ଆଇ/ଏଏସ୍ଆଇଙ୍କ ସହ ୮୦ ପ୍ଲାଟୁନ୍ ପୁଲିସ ବଳ ମୁତୟନ କରାଯାଇଛି । ଏହି ବଳରେ ହାବିଲଦାର, କନଷ୍ଟେବଳ, ମହିଳା କନଷ୍ଟେବଳ, ଟ୍ରାଫିକ୍ କନଷ୍ଟେବଳ ଓ ହୋମଗାର୍ଡ ସାମିଲ ଅଛନ୍ତି । ଆଇନ-ଶୃଙ୍ଖଳା ବଜାୟ ରଖିବା, ଭବ୍ୟ ଓ ପ୍ରତ୍ୟାବର୍ତନ ଶୋଭାଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ଅପରାଧ ଓ ଛିନତାଇ ରୋକିବା, ମହିଳା ଓ ଶିଶୁ ସୁରକ୍ଷା, ଜରୁରୀକାଳୀନ ସହାୟତା ଏବଂ ପୁଲିସ ସହାୟତା କେନ୍ଦ୍ର ମାଧ୍ୟମରେ ନିରନ୍ତର ନଜରଦାରୀ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଜନସାଧାରଣଙ୍କ ସୁବିଧା ପାଇଁ ବିସ୍ତୃତ ଟ୍ରାଫିକ୍ ଓ ପାର୍କିଂ ପରାମର୍ଶ ଜାରି କରା ଯାଇଛି । ବିଭିନ୍ନ ଦିଗରୁ ଆସୁଥିବା ଯାନବାହନ ପାଇଁ ସ୍ୱତନ୍ତ୍ର ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଥିବାବେଳେ ଭକ୍ତମାନଙ୍କ ସୁବିଧା ପାଇଁ ତିନୋଟି ରୁଟ୍ରେ ମାଗଣା ସଟଲ୍ ବସ୍ ସେବା ଚଳାଚଳ କରିବ । ଜେଲ୍ ଛକ ନିକଟରେ ଯାନବାହନ ପାର୍କିଂ ନ କରିବାକୁ ଏବଂ କେବଳ ନିର୍ଦ୍ଧାରିତ ପାର୍କିଂ ସ୍ଥାନ ବ୍ୟବହାର କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି । ଏହାଛଡ଼ା, ଜୁନ୍ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଶୋଭାଯାତ୍ରା ସମୟରେ ସମ୍ବଲପୁର ସହର ଭିତରେ ଚାରିଚକିଆ ଓ ଭାରୀ ଯାନବାହନ ଚଳାଚଳ ଉପରେ ନିୟନ୍ତ୍ରଣ ଲାଗୁ କରାଯିବ । ଏସ୍ପି ନାଗରିକ, ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ପୁଲିସ ସହ ସହଯୋଗ କରିବା, ଟ୍ରାଫିକ୍ ନିୟମ ମାନିବା, ନିଜ ମୂଲ୍ୟବାନ ସାମଗ୍ରୀର ସୁରକ୍ଷା କରିବା ଏବଂ କୌଣସି ଜରୁରୀକାଳୀନ ପରିସ୍ଥିତି, ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ନିଖୋଜ ବ୍ୟକ୍ତି ସମ୍ପର୍କିତ ସୂଚନା ତୁରନ୍ତ ୧୧୨ କିମ୍ବା ଜିଲ୍ଲା ପୁଲିସ କଂଟ୍ରୋଲ ରୁମ୍ର ହେଲ୍ପଲାଇନ୍ ନମ୍ବର ୮୦୧୮୨୫୦୦୦୧ରେ ଜଣାଇବାକୁ ଅନୁରୋଧ କରିଛନ୍ତି । ସମ୍ବଲପୁର ପୁଲିସ ଶୀତଳ ଷଷ୍ଠୀ ମହୋତ୍ସବ-୨୦୨୬କୁ ସମସ୍ତ ଭକ୍ତ ଓ ପରିଦର୍ଶକଙ୍କ ପାଇଁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଏବଂ ସ୍ମରଣୀୟ କରିବା ପାଇଁ ପ୍ରତିବଦ୍ଧ ବୋଲି ଏସ୍ପି କହିଛନ୍ତି । ସେହିପରି ଏହା ପୂର୍ବରୁ ଶୀତଳ ଷଷ୍ଠୀ ମହୋତ୍ସବକୁ ଶୃଙ୍ଖଳିତ ଭାବେ କରିବା ପାଇଁ ବିଭିନ୍ନ ପୂଜା କମିଟି ସହ ଆଲୋଚନା କରିଥିଲେ । ଏହି ବୈଠକ ପୂର୍ବରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଭାମୁ, ଅତିରିକ୍ତ ଏସ୍ପି, ଏସ୍ଡିପିଓ ଓ ବିଭିନ୍ନ ଥାନାର ଆଇଆଇସିମାନଙ୍କ ସହ ସମ୍ବଲପୁର ସହରର ଝାଡୁଆପଡ଼ା, ନନ୍ଦପଡ଼ା ଏବଂ ବଡ଼ବଜାର ଅଂଚଳ ପରିଦର୍ଶନ ମଧ୍ୟ କରିଥିଲେ । ଏହି ଅବସରରେ ଶୀତଳ ଷଷ୍ଠୀ କମିଟିର ସଦସ୍ୟମାନଙ୍କ ସହ ବୈଠକ କରାଯାଇ ମହୋତ୍ସବର ପ୍ରସ୍ତୁତି, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ମହୋତ୍ସବ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଭକ୍ତମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଓ ଯାତାୟାତକୁ ସୁବ୍ୟବସ୍ଥିତ ରଖିବା ଦିଗରେ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ଅଧିକାରୀମାନେ ସୂଚନା ଦେଇଥିଲେ ।

# ସଶକ୍ତ କର୍ମଶକ୍ତି, ସମୃଦ୍ଧ ରାଷ୍ଟ୍ର: ବିକଶିତ ଭାରତ ଗଠନର ମୂଳମନ୍ତ୍ର



◆ଡ. ଆର ବାଲାସୁବ୍ରମଣ୍ୟମ

କୋଏମ୍ବାଟୁରର ଜଣେ ଯୁବ ଶ୍ରମିକ ରବି, ଏକ ଛୋଟ ଉତ୍ପାଦନକାରୀ ସଂସ୍ଥାରେ ନିଜର ପ୍ରଥମ ଆନୁଷ୍ଠାନିକ ଚାକିରିର ଛଅ ମାସ ପୂରଣ କରିଛନ୍ତି । ନିକଟରେ ତାଙ୍କ ମାସିକ ଦରମା ବ୍ୟତୀତ ତାଙ୍କ ବ୍ୟାଙ୍କ ଆକାଉଂଟରେ ୭,୫୦୦ ଟଙ୍କା ଜମା ହୋଇଛି । ଲଗାତାର ଛଅ ମାସର ନିଯୁକ୍ତି ସମ୍ପୂର୍ଣ୍ଣ ହେବା ପରେ ଏହି ଅର୍ଥ ସ୍ୱତଃପ୍ରବୃତ୍ତ ଭାବେ ପ୍ରଦାନ କରାଯାଇଥିଲା । ପୂର୍ବରୁ ତାଙ୍କ ପରିବାର କେବଳ ଅଣ-ଆନୁଷ୍ଠାନିକ କାର୍ଯ୍ୟରେ ଜଡ଼ିତ ଥିଲେ, ଯେଉଁଥିରେ କୌଣସି ଚୁକ୍ତିନାମା, ଭବିଷ୍ୟ ନିଧି (ପ୍ରୋଭିଡେଂଟ ଫଣ୍ଡ) ଯୋଗଦାନ କିମ୍ବା ନିଯୁକ୍ତିର କୌଣସି ନଥିପତ୍ର ନଥିଲା । ଏହା ପ୍ରଥମ ସୁଯୋଗ ଥିଲା ଯେଉଁଠାରେ ତାଙ୍କ ନିଯୁକ୍ତିକୁ ଆନୁଷ୍ଠାନିକ ଭାବେ ନଥିଭୁକ୍ତ କରାଯାଇଛି ଏବଂ ଏହିଭଳି ଏକ ସୁବିଧା ପ୍ରଦାନ କରାଯାଇଛି । ସେ ଯେଉଁ ଦେୟ ପାଇଥିଲେ ତାହା ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା (ପି.ଏମ.-ଭି.ବି.ଆର.ୱାଇ.)ର ଭାଗ-ଏ ଅନ୍ତର୍ଗତ ତାଙ୍କର ପ୍ରଥମ କିସ୍ତି, ଯାହା ନିଯୁକ୍ତି ଏବଂ ଦକ୍ଷତା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ୟାକେଜର ଅଂଶ ଭାବରେ ୨୦୨୪-୨୫ ମସିହା କେନ୍ଦ୍ର ବଜେଟରେ ପ୍ରବର୍ତନ କରାଯାଇଥିଲା । ଏହି ବ୍ୟବସ୍ଥା ଅନୁଯାୟୀ, ପ୍ରଥମ ଥର ପାଇଁ ଯେଉଁ କର୍ମଚାରୀମାନେ (କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ) ଇ.ପି.ଏଫ.ଓ.-ପଞ୍ଜିକୃତ ଅନୁଷ୍ଠାନମାନଙ୍କରେ ଯୋଗଦାନ କରୁଥିବେ ଏବଂ ଯେଉଁମାନେ ମାସିକ ୧ ଲକ୍ଷ ଟଙ୍କାରୁ କମ୍ ରୋଜଗାର କରନ୍ତି, ସେମାନଙ୍କୁ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ନଗଦ ପ୍ରୋତ୍ସାହନ ରାଶି ମିଳିଥାଏ । ଏହା ଦୁଇଟି କିସ୍ତିରେ ପ୍ରଦାନ କରାଯାଏ । ପ୍ରଥମ କିସ୍ତିଟି ଛଅ ମାସ ନିରବଚ୍ଛିନ୍ନ ଭାବରେ କର୍ମନିଯୁକ୍ତିରେ ରହିବା ପରେ ଏବଂ ଦ୍ୱିତୀୟ କିସ୍ତିଟି ବାର ମାସ ପରେ । ଇ.ପି.ଏଫ.ଓ. ପୋର୍ଟାଲ୍ ମାଧ୍ୟମରେ ଏକ ଆର୍ଥିକ ସାକ୍ଷରତା ପାଠ୍ୟକ୍ରମ ସମାପ୍ତ କରିବା ଉପରେ ସର୍ତମୂଳକ ଏବଂ କର୍ମଚାରୀଙ୍କ ପାଇଁ ଏକ ଆର୍ଥିକ ପ୍ରୋତ୍ସାହନ ଭଳି ବ୍ୟବସ୍ଥା ନିର୍ମାଣ କରିବା ପାଇଁ ଏକ ସଂଚୟ ଉପକରଣରେ ଏହି ରାଶି ଜମା କରାଯାଏ । ରବିଙ୍କ ପାଇଁ ଏହି ଛଅ ମାସ କେବଳ ଏକ ଯୋଗ୍ୟତାର ଅବଧି ନଥିଲା । ଏହି ଛଅ ମାସ ତାଙ୍କ ପାଇଁ ସେହି ସମୟ ଥିଲା ଯେତେବେଳେ ସେ ତାଙ୍କ କର୍ମକ୍ଷେତ୍ର ସହିତ ଉତମ ଭାବରେ ପରିଚିତ ହୋଇଥିଲେ, ତାଙ୍କ ବ୍ୟବସାୟରେ ମୌଳିକ ଦକ୍ଷତା ହାସଲ କରିଥିଲେ ଏବଂ ଏକ ନିଯୁକ୍ତି ରେକର୍ଡ ନିର୍ମାଣ କରିବା ଆରମ୍ଭ କରିଥିଲେ ଯେଉଁଥିରେ ପୂର୍ବରୁ ତାଙ୍କର କୌଣସି ଦକ୍ଷତା ନଥିଲା । ଏହି ଅବଧି ତାଙ୍କ ନିଯୁକ୍ତିଦାତାଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା । ଏକ ଛୋଟ ଉତ୍ପାଦନ ୟୁନିଟ୍ ଯାହା ତାଙ୍କୁ ଏହାର ବିସ୍ତାରର ଅଂଶ ଭାବରେ ନେଇଥିଲା । ପି.ଏମ.-ଭି.ବି.ଆର.ୱାଇ.ର ଭାଗ-ବି ବ୍ୟବସ୍ଥା କରେ ଯେ ଯେଉଁମାନେ ନିଯୁକ୍ତିଦାତା, ସେମାନଙ୍କର ବର୍ତମାନର ମୂଳସୀମାଠାରୁ ଯଦି ସେମାନେ ଅଧିକ ନିଯୁକ୍ତି ସୃଷ୍ଟି କରନ୍ତି ସେମାନଙ୍କୁ ପ୍ରତି ମାସରେ ଅତିରିକ୍ତ କର୍ମଚାରୀ ପାଇଁ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ସରକାରୀ ଅବଦାନ ପ୍ରଦାନ କରାଯିବ । ପ୍ରତ୍ୟେକ କ୍ଷେତ୍ର ମଧ୍ୟରେ ଦୁଇ ବର୍ଷ ଏବଂ ଉତ୍ପାଦନରେ ଚାରି ବର୍ଷରୁ ଅଧିକ ହୋଇଥିବା ଜରୁରି । ଏହି ଅବଦାନ ନୂତନ ନିଯୁକ୍ତିର ପ୍ରାରମ୍ଭିକ ମାସଗୁଡ଼ିକରେ ଏକ ଫାର୍ମ ବହନ କରୁଥିବା ଖର୍ଚ୍ଚର ଏକ ଅଂଶକୁ ପୂରଣ କରେ । ଯେତେବେଳେ ଅନବୋର୍ଡିଂ ଏବଂ ତାଲିମ ଚାଲୁଥାଏ ଏବଂ ପୂର୍ବ ଆନୁଷ୍ଠାନିକ ଅଭିଜ୍ଞତା ନଥିବା କର୍ମଚାରୀ ଏପର୍ଯ୍ୟନ୍ତ ଉତ୍ପାଦନଶୀଳ ହୋଇପାରନ୍ତି ସେତେବେଳେ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ପ୍ରାରମ୍ଭିକ ବ୍ୟୟକୁ ସହଜ କରି, ଏହି ବ୍ୟବସ୍ଥା ରବିଙ୍କୁ ନିଯୁକ୍ତି ଦେଇଥିବା ଧରଣର ଛୋଟ ବ୍ୟବସାୟ ପର୍ଯ୍ୟନ୍ତ ଯୋଜନାକୁ ବିସ୍ତାରିତ କରେ । ତାଙ୍କ ପରି ଉତ୍ପାଦନ ୟୁନିଟ୍ ପାଇଁ, ଚାରି ବର୍ଷର ସମୟ, ମାନକ ଅବଧିର ଦୁଇଗୁଣ, ଫାର୍ମଗୁଡ଼ିକୁ ସ୍ୱୟଂକ୍ରିୟତାରେ ନିବେଶ ସହିତ ସେମାନଙ୍କର କାର୍ଯ୍ୟଶକ୍ତିକୁ ବିସ୍ତାର କରିବା ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରେ । ଭାରତ ଭଳି ଜନସଂଖ୍ୟା ଦୃଷ୍ଟିରୁ ବିଶାଳ ଏକ ଦେଶ ପାଇଁ, ଏକ ଯୁବ ଏବଂ ବର୍ଦ୍ଧିତ କର୍ମଶକ୍ତି ୨୦୪୭ ମସିହା ସୁଦ୍ଧା ନିଯୁକ୍ତି-ନେତୃତ୍ୱାଧୀନ ବିକାଶ ମାଧ୍ୟମରେ ଏକ ବିକଶିତ ଭାରତ ଦିଗରେ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇ ନେବାର ସୁଯୋଗ ପ୍ରଦାନ କରେ । ସାମାଜିକ ସୁରକ୍ଷା ଏବଂ ସଂସ୍ଥାଗତ ସୁରକ୍ଷାର ପ୍ରବେଶ ସହିତ ନୂତନ ଭାବରେ ବ୍ୟବସାୟରେ ପାଦ ଥାପୁଥିବା ବ୍ୟକ୍ତିବିଶେଷମାନେ କେତେ ପରିମାଣରେ ଆନୁଷ୍ଠାନିକ ନିଯୁକ୍ତିରେ ପ୍ରବେଶ କରନ୍ତି, ତାହା ପରିବାର ଏବଂ ସମ୍ପ୍ରଦାୟ ମଧ୍ୟରେ ଅଭିବୃଦ୍ଧିର ଲାଭ କିପରି ଅନୁଭୂତ ହୁଏ ତାହା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି । ପି.ଏମ-ଭି.ବି.ଆର.ୱାଇ. ସ୍ୱତନ୍ତ୍ର ଭାରତରୁ ସମୃଦ୍ଧ ଭାରତ ପର୍ଯ୍ୟନ୍ତ ସେତୁକୁ ମଜବୁତ କରିବା ଲକ୍ଷ୍ୟ ନିର୍ଦ୍ଧାରଣ କରିଛି ଏବଂ ଦୁଇ ବର୍ଷ ମଧ୍ୟରେ ୩.୫ କୋଟିରୁ ଅଧିକ ଆନୁଷ୍ଠାନିକ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବାର ପ୍ରୟାସ କରିଛି । ଏହି ଯୋଜନା ପ୍ରବର୍ତନ ହେବା ଦିନଠାରୁ ଅଦ୍ୟାବଧି ଏହା ମାଧ୍ୟମରେ ପ୍ରଥମ ଥର ପାଇଁ ନିଯୁକ୍ତି ପାଇଥିବା ୬୦ ଲକ୍ଷ କର୍ମଚାରୀ ଆନୁଷ୍ଠାନିକ କର୍ମଶକ୍ତିରେ ଯୋଗ ଦେଇଛନ୍ତି । ଏମାନଙ୍କ ମଧ୍ୟରୁ ୪୩.୨୬ ଲକ୍ଷ, ପ୍ରାୟ ୭୧ ପ୍ରତିଶତ, ୧୮ ରୁ ୩୦ ବର୍ଷ ବୟସ ବର୍ଗର ଏବଂ ୧୮.୦୪ ଲକ୍ଷ, ପ୍ରାୟ ୩୦ ପ୍ରତିଶତ, ପ୍ରଥମ ଥର ପାଇଁ ଆନୁଷ୍ଠାନିକ ନିଯୁକ୍ତିରେ ପ୍ରବେଶ କରୁଥିବା ମହିଳା ଅଛନ୍ତି । ଏହି କର୍ମଚାରୀମାନେ ବିଶେଷଜ୍ଞ ସେବା, ଇଞ୍ଜିନିୟରିଂ, ବାଣିଜ୍ୟ, ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, ବୟନଶିଳ୍ପ ଏବଂ ଆତିଥ୍ୟ କ୍ଷେତ୍ରରେ ବିସ୍ତୃତ, ଯାହା ବିଭିନ୍ନ ଆନୁଷ୍ଠାନିକ ପ୍ରତିଷ୍ଠାନରେ ସେମାନଙ୍କ ପ୍ରବେଶକୁ ପ୍ରତିଫଳିତ କରେ । ପ୍ରୋତ୍ସାହନ ବ୍ୟତୀତ, ରବି ପି.ଏମ.-ଭି.ବି.ଆର.ୱାଇ. ମାଧ୍ୟମରେ ଯାହା ହାସଲ କରିଛନ୍ତି ତାହା ହେଉଛି ଏକ ଇ.ପି.ଏଫ.ଓ. ଆକାଉଂଟ ଏବଂ ଏକ ସାର୍ବଜନୀନ ଆକାଉଂଟ ନମ୍ବର, ଯାହା ତାଙ୍କୁ ଏକ ବ୍ୟବସ୍ଥା ମଧ୍ୟରେ ସାମିଲ କରିଛି, ଯାହା ଭବିଷ୍ୟନିଧି ପାଣ୍ଠି ଅବଦାନ, ବୀମା ସୁରକ୍ଷା ଏବଂ ବୈଧାନିକ ନିଯୁକ୍ତି ଲାଭ ପ୍ରଦାନ କରେ । ତାଙ୍କ ପରି ଅନେକ ପ୍ରଥମ ଥରର ଆନୁଷ୍ଠାନିକ କର୍ମଚାରୀ ମାନଙ୍କ ନିମନ୍ତେ, ଏହା ସାମାଜିକ ସୁରକ୍ଷା ସୁବିଧା ପ୍ରଦାନ କରେ ଏବଂ ଏକ ସଂରଚିତ ନିଯୁକ୍ତି ସମ୍ପର୍କରେ ପ୍ରବେଶକୁ ମଧ୍ୟ ପ୍ରତିନିଧିତ୍ୱ କରେ । ଏହି ଯୋଜନା ଅଧୀନରେ ସୃଷ୍ଟି ହୋଇଥିବା ଚାକିରି ବାସ୍ତବ କ୍ୟାରିୟର ଭିତିଭୂମିରେ ପରିଣତ ହେବା ନିଶ୍ଚିତ କରିବା ପାଇଁ ଛଅ ମାସର ନିରନ୍ତର ନିଯୁକ୍ତି ସର୍ତାବଳୀ ଉଦ୍ଦିଷ୍ଟ । ସ୍ଥାୟୀ ଆନୁଷ୍ଠାନିକ ନିଯୁକ୍ତି ସ୍ଥାନାନ୍ତରଯୋଗ୍ୟ ଦକ୍ଷତା ନିର୍ମାଣ କରେ, ବୃତିଗତ ମାନଦଣ୍ଡକୁ ପ୍ରୋତ୍ସାହିତ କରେ ଏବଂ ଭବିଷ୍ୟତର ନିଯୁକ୍ତିକୁ ସୁଦୃଢ଼ କରେ, ଯୋଜନା ଅଧୀନରେ ପ୍ରଦାନ କରାଯାଇଥିବା ସହାୟତାର ଅବଧିଠାରୁ ଅଧିକ ଲାଭ ମଧ୍ୟ ସୃଷ୍ଟି କରେ । ନିଯୁକ୍ତି ସୁଯୋଗ ସୃଷ୍ଟି ଏକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ଉଦ୍ଦେଶ୍ୟ । ସମାନ ଭାବରେ ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ରବିଙ୍କ ପରି ଶ୍ରମିକମାନେ ଆନୁଷ୍ଠାନିକ ଅର୍ଥନୀତି ମଧ୍ୟରେ ଏକ ସ୍ଥାୟୀ ଉପସ୍ଥିତି ସ୍ଥାପନ କରିପାରିବେ, ଯେଉଁଠାରେ ନିଯୁକ୍ତି ସାମାଜିକ ସୁରକ୍ଷା କଭରେଜ ଏବଂ ସଂସ୍ଥାଗତ ସୁରକ୍ଷା ସହିତ ଥାଏ । ଅଧିକ କର୍ମଚାରୀ ଆନୁଷ୍ଠାନିକ ଚାକିରିରେ ଛଅ ମାସ, ଗୋଟିଏ ବର୍ଷ ଏବଂ ତା'ଠାରୁ ଅଧିକ ସମୟ ପୂରଣ କରିବା ସହିତ, କର୍ମଶକ୍ତିର ଏକ ବୃହତ୍ ଅଂଶ ସାମାଜିକ ସୁରକ୍ଷା ଜାଲରେ ପ୍ରବେଶ କରନ୍ତି ଏବଂ ଛୋଟ ଛୋଟ ପ୍ରତିଷ୍ଠାନଗୁଡ଼ିକ ଆନୁଷ୍ଠାନିକ ନିଯୁକ୍ତିର ଅଭ୍ୟାସ ଗଢ଼ିବା ନିମନ୍ତେ ପ୍ରୟାସୀ ହୋଇଥାଆନ୍ତି । ଏହି ଯୋଜନା ଅଧୀନରେ ୩.୫ କୋଟିରୁ ଅଧିକ ନିଯୁକ୍ତି ପ୍ରକଳ୍ପ ସହିତ, ଆନୁଷ୍ଠାନିକ ଅର୍ଥନୀତିର ଏହି କ୍ରମାଗତ ବିସ୍ତାରର ପରିବର୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

# ଧର୍ମୁବାବାଙ୍କ ସ୍ମୃତି ଦିବସ ପାଳିତ

ସମ୍ବଲପୁର : (ହି.ସ.) - ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ କେନାଡିପା ସ୍ଥିତ ସାଏରଜା ବାବାମଠ ପରିସରରେ ମଙ୍ଗଳବାର ଦିନ ଧର୍ମୁ ବାବାଙ୍କ ସ୍ମୃତି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଧର୍ମୁ ବାବା ଗତ ମେ ମାସ ୨୭ ତାରିଖ ଦିନ ଇହଧାମ ତ୍ୟାଗ କରିଥିଲେ । ଏହି ଅବସରରେ କେନାଡିପା ପଂଚାୟତର ସମସ୍ତ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ବାବା ୧୯୯୧ ମସିହାରୁ ଦୀର୍ଘ ୩୫ ବର୍ଷ ଧରି କେନାଡିପା ବାବା ମଠର ରକ୍ଷଣାବେକ୍ଷଣା ଦାୟିତ୍ୱ ନେଇ ଆସୁଥିଲେ । ସେ ଏହି ଅଂଚଳରୁ ଭିକ୍ଷାମାଗି ବହୁ ଚର୍ଚ୍ଚିତ ଧ୍ୱନୀ ମନ୍ଦିର ନିର୍ମାଣ କରିଥିଲେ । ଧର୍ମୁ ବାବାଙ୍କ ତତ୍ତ୍ୱାବଧାନରେ ମଠ ଚତୁଃପାଶ୍ୱର୍ରେ ଆମ୍ବ, ପିଜୁଳି,ପଣସ, ନଡ଼ିଆ ଇତ୍ୟାଦି ଫଳ ଗଛ ଲଗାଯାଇଥିଲା । ନିକଟରେ ଥିବା ସାଏ ରଜା ଗୁମ୍ଫା ବୁଲି ଦର୍ଶକ ଆନନ୍ଦିତ ହୋଇଥାନ୍ତି ।ବଣ ପାହାଡ ଘେରା ମଧ୍ୟ ରେ ଗଢ଼ି ଉଠିଥିବା ମଠ ଦର୍ଶକଙ୍କୁ ବିମୋହିତ କରିଥାଏ । ସରକାରଙ୍କ ତରଫରୁ ବାଡ ପାଇଁ ଅନୁଦାନ ପ୍ରଦାନ କଲେ ମଠର ରକ୍ଷଣା ବେକ୍ଷଣା ହୋଇପାରିବ ବୋଲି ଭକ୍ତ ମାନେ ସରକାର ଙ୍କୁ ଅନୁରୋଧ କରିଛନ୍ତି । କୁଚିଣ୍ଡା ଉପଖଣ୍ଡ ଅଂଚଳରୁ ପ୍ରାୟ ପାଂଚଶହ ରୁ ଅଧିକ ଅଲେଖ ମହିମା ଭକ୍ତ ସମାଗମ ହୋଇ ଧର୍ମୁ ବାବା ଙ୍କ ସ୍ମରଣୀୟ ଦିବସ ପାଳନ ଧୁମ୍ ଧାମରେ ପାଳନ ହୋଇଯାଇଛି ।

# ଉଣ୍ଡୁରୁକୋଣ୍ଡାରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର: ୩୨ଟି ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ମାଲକାନଗିରି : (ହି.ସ.)- ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସମସ୍ୟାର ସରଳ ଓ ସ୍ଥାୟୀ ସମାଧାନ ପାଇଁ ପଡିଆ ବ୍ଲକ ଉଣ୍ଡୁରୁକୋଣ୍ଡା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ବିଶେଷ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ୍ ଯୋଗ ଦେଇ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଶିବିରରେ ବିଭିନ୍ନ ଅଂଚଳରୁ ଆସିଥିବା ଶତାଧିକ ଲୋକ ନିଜ ନିଜର ମୌଳିକ ସମସ୍ୟା ଓ ଅଭିଯୋଗ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଏବଂ ଏସପି ପ୍ରତ୍ୟେକ ଆବେଦନକୁ ଗମ୍ଭୀରତାର ସହ ଅନୁଧ୍ୟାନ କରିବା ସହିତ ତାହାର ତୁରନ୍ତ ଏବଂ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଶିବିରରେ ଉପସ୍ଥିତ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ବୃହତ ପ୍ରଶାସନିକ ଶିବିରରେ ସମୁଦାୟ ୩୨ଟି ଅଭିଯୋଗ ପତ୍ର ବିଧିବଦ୍ଧ ଭାବେ ପଞ୍ଜୀକୃତ ହୋଇଥିଲା । ଏଥିମଧ୍ୟରୁ ବିଭିନ୍ନ ବ୍ୟକ୍ତିଗତ ସମସ୍ୟାକୁ ନେଇ ୮ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିବା ବେଳେ ଗ୍ରାମାଚଂଳର ଉନ୍ନୟନମୂଳକ କାର୍ଯ୍ୟ, ପାନୀୟ ଜଳ, ରାସ୍ତାଘାଟ ଓ ଅନ୍ୟାନ୍ୟ ସାମୂହିକ ସମସ୍ୟାକୁ ଭିତି କରି ୨୪ଟି ଗ୍ରାମ୍ୟ ଭିତିକ ଅଭିଯୋଗ ଆବେଦନ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି । ଲୋକଙ୍କ ଆପତି ଅଭିଯୋଗ ଗ୍ରହଣ କରାଯିବା ପରେ ସେଗୁଡ଼ିକର ସମୀକ୍ଷା କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଅଭିଯୋଗ ଶୁଣାଣି ସହିତ ଏହି ଅବସରରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ନିମନ୍ତେ ଏକ ସ୍ୱତନ୍ତ୍ର କ୍ୟାମ୍ପର ମଧ୍ୟ ଆୟୋଜନ କରାଯାଇଥିଲା । ଏହି କ୍ୟାମ୍ପରେ ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଉପସ୍ଥିତ ଯୋଗ୍ୟ ନାଗରିକମାନଙ୍କୁ ପରିଗଣନା ଫର୍ମ ବଂଟନ କରାଯିବା ସହିତ ଏହି ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ଓ ସଫଳତା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଙ୍କ ସମେତ ସମସ୍ତ ଲାଇନ ବିଭାଗର ବରିଷ୍ଠ ପଦାଧିକାରୀ ଓ କର୍ମଚାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଶୀତଳଷଷ୍ଠୀ ଯାତ୍ରା ପାଇଁ କୋଷାଗାରରୁ ବାହାରିଲେ ୧୦୮ ତୋଳାର ସୁନା ନାଗ ମୂର୍ତୀ

ସୁବର୍ଣ୍ଣପୁର : (ହି.ସ.) - ଅଷ୍ଟଶମ୍ଭୁ ଙ୍କ ସହର ସୁବର୍ଣ୍ଣପୁର ଠାରେ ପବିତ୍ର ଶୀତଳଷଷ୍ଠୀ ଯାତ୍ରାର ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ସହର ଚଳ ଚଂଚଳ ହୋଇ ଉଠିଛି । ଏଥିପାଇଁ ସୁବର୍ଣ୍ଣପୁର କୋଷାଗାର ରୁ ପ୍ରଭୁ ଚନ୍ଦ୍ରଶେଖର ଙ୍କ ସ୍ୱରୂପ ୧୦୮ ଭରି ର ସୁନା ନାଗ ମୂର୍ତି ବାହାର କରାଯାଇ ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଥନା ପତିପଡା ସ୍ଥିତ ଚନ୍ଦ୍ରଶେଖର ମନ୍ଦିର ରେ ପହଂଚିଛନ୍ତି । ସତସଙ୍ଗ ବିହାର ସ୍ଥିତ କନ୍ୟା ପିତା ମାତା ଘର ହିମାଦ୍ରୀ ନଗର ମଧ୍ୟ ଚଳଚଂଚଳ ହୋଇ ଉଠିଛି । କନ୍ୟା ମାତାପିତା ଭାବରେ ବଂଟୁ ଅଗ୍ରୱାଲ ଓ ଦୀପା ଅଗ୍ରୱାଲ ମଧ୍ୟ ମାତା ପାର୍ବତୀ ଙ୍କ ବିବାହ ପାଇଁ ପୂର୍ଣ୍ଣ ପ୍ରସ୍ତୁତି ରେ ଲାଗିପଡିଛନ୍ତି । କନ୍ୟା ବିବାହ ପାଇଁ ଯେତେ ପ୍ରକାର ସାରଙ୍ଗମ ଦରକାର ସମସ୍ତ ଜିନିଷ ପତ୍ର ଯୋଗାଡ଼ ସରିଛି । ବରଂ ଓ କନ୍ୟାଙ୍କୁ ଦେବାପାଇଁ ପଲଙ୍କ ଲୁଗାପଟା ମୁଦି, ରୂପା ର ପାଉଁଜି, କଠଉ, ବେଲପତ୍ର ଓ ସମସ୍ତ ପ୍ରକାର ଅଳଙ୍କାର ସଂଗ୍ରହ କରି ସାରିଛନ୍ତି । ମାଙ୍ଗଳିକ, ମାଟିପକା କାମ ଇତିମଧ୍ୟରେ ସମାପନ ହୋଇ ଥିବା ବେଳେ ଆଜି ଦେବ ନିମନ୍ତ୍ରଣ ମଧ୍ୟ ସରିଛି । ଆସନ୍ତାକାଲି ସକାଳେ ଅଳଙ୍କାର ଧାରଣ ଓ ଅପରାହ୍ନ ରେ ବର ନିମନ୍ତ୍ରଣ କାର୍ଯ୍ୟ କ୍ରମ ରହିଛି । ସେହିପରି ୧୮ ତାରିଖରେ ଗଣସନ, ମଙ୍ଗଳନ ନୀତି ରହିଥିବାବେଳେ ରାତିରେ ବରଙ୍କ ଆଗମନ ସହ ରାତ୍ରିରେ ବିବାହ ପାଣିଗ୍ରହଣ ପରେ ତା ପର ଦିନ ପ୍ରଭୁ ଚନ୍ଦ୍ରଶେଖର ଓ ମାତା ପାର୍ବତୀ ଙ୍କ ଯୁଗଳ ମୂର୍ତି ଦର୍ଶନ ରହିଛି । ପରବର୍ତୀ ପ୍ରାତଃ ସମୟରେ ଦେବଦମ୍ପତିଙ୍କ ସ୍ୱ ମନ୍ଦିର ପ୍ରତ୍ୟାବର୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ । ୧୦୮ ତୋଳା ର ସୁନା ନାଗ ମୂର୍ତୀ ଓ ଶିବ ପାର୍ବତୀ ଙ୍କ ସମେତ ଅଷ୍ଟ ଶମ୍ଭୁ ଅଷ୍ଟ ବିଷ୍ଣୁ ଙ୍କ ଦର୍ଶନ ଓ ମହାପ୍ରଭୁ ଙ୍କ ପାଇଁ ଉଦ୍ଦିଷ୍ଟ ମହଣ ମହଣ ରୂପା ପାଲିଙ୍କି ବା ବିମାନ ଦେଖିବାକୁ ଦୂର ଦୂର ଦୁରାନ୍ତର ହଜାର ହଜାର ଲୋକ ଙ୍କ ଉତ୍କଣ୍ଠା ପ୍ରକାଶ ପାଇଛି । ଏଥିପାଇଁ କନ୍ୟା ପିତା ମାତା ଙ୍କ ହିମାଦ୍ରୀ ନଗରୀ ଓ ବର ପିତା ମାତାଙ୍କ କୈଳାଶ ନଗରୀ ଚନ୍ଦ୍ର ଶେଖର ମନ୍ଦିର ସହ ସମଗ୍ର ସହର ଆଜିଠୁଁ ଚଳ ଚଂଚଳ । ଯାତ୍ରା ର ସଫଳ ପରିଚାଳନା ପାଇଁ ଯାତ୍ରା କମିଟି ଓ ପ୍ରଶାସନ ସହ ଜିଲ୍ଲା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

## ବ୍ୟାଗ୍ ହଜିଛି

ଗତ ୧୪/୦୬/୨୦୨୬ରିଖରେ ରାଜଧାନୀ ଏକ୍ସପ୍ରେସ ଟ୍ରେନ୍‌ଯୋଗେ ଭୁବନେଶ୍ୱରରୁ ବାଲେଶ୍ୱରକୁ ଆସୁଥିବା ସମୟରେ ତଦାଶା ପଟ୍ଟନାୟକଙ୍କ ବ୍ୟାଗ୍‌ଟି ଟ୍ରେନ୍‌ରେ କିମ୍ବା ଟ୍ରେନ୍‌ରୁ ଓହ୍ଲାଇ ଅଟୋରେ ଆସିବା ବେଳେ କେଉଁଠି ହଜି ଯାଇଛି । ବ୍ୟାଗ୍‌ରେ ଏଲଆଇସି ବଣ୍ଡ ସହିତ ଅନ୍ୟାନ୍ୟ ଡ୍ରେସ୍ ଥିଲା । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଇଥିବେ ତେବେ ଦୟାକରି ନିମ୍ନ ଠିକଣାରେ ଦେବା ପାଇଁ ଅନୁରୋଧ ।

ତଦାଶା ପଟ୍ଟନାୟକ
ମାର୍ଫତ୍ : ଚନ୍ଦ୍ର କୁମାର ପଟ୍ଟନାୟକ
ମୋ : ୯୪୩୭୨୬୮୬୧୯

# ଆୟୋଜିତ ହେବ ନିଃଶୁଳ୍କ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

ରାଇରଙ୍ଗପୁର : (ହି.ସ.)- ଆସନ୍ତା ୧୯ ତାରିଖରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭୁବନେଶ୍ୱର ଏମ୍ସ ଚିକିତ୍ସାଳୟର ବିଭିନ୍ନ ରୋଗର ଚିକିତ୍ସା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ନିଶୁଳ୍କ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ । ଏହି ପରିପ୍ରେକ୍ଷୀରେ ଇତିମଧ୍ୟରେ ଭୁବନେଶ୍ୱରର ଏମ୍ସର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସିଇଓ ଡା. ଆଶୁତୋଷ ବିଶ୍ୱାସ, ମେଡିକାଲର ନିର୍ଦ୍ଦେଶକ ଡଃ. ପ୍ରଭାସ ରଞ୍ଜନ ତ୍ରିପାଠୀ, ବିଡିଏ ଲେଫ୍ଟନା[ କର୍ଣ୍ଣେଲ ଅଜିତ ସରକାର, ଲୋକ ସମ୍ପର୍କ ଅଧିକାରୀ (ପିଆରଓ) ରାଜକିଶୋର ଦାସ, ସହକାରୀ ପ୍ରଶାସନିକ ଅଧିକାରୀ ଦିବ୍ୟ ପଟ୍ଟନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହାନ୍ତ ଓ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ପଦାଧିକାରୀ ପ୍ରମୁଖ ରାଇରଙ୍ଗପୁର ଗସ୍ତରେ ଆସି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିବା ସହ ସମସ୍ତ ବିଭାଗ ଅନୁଧ୍ୟାନ କରିଛନ୍ତି । ଶିବିରର ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ରବୀନ୍ଦ୍ରନାଥ ମାରାଣ୍ଡି, ହସ୍ପିଟାଲ ମ୍ୟାନେଜର ଆଲୋକ ଗୋଛାୟତ ସହାୟତା କରିଥିଲେ । ଏହି ଅବସରରେ ଏମ୍ସର ସି ଇ ଓ ଡା. ବିଶ୍ୱାସ ସୂଚୀତ କରିଥିଲେ ଯେ, ଉପଖଣ୍ଡ ଚିକିତ୍ସାଳୟରେ ଚଳିତ ମାସ ୧୯ ତାରିଖ ଦିନ ଏମ୍ସ ଚିକିତ୍ସାଳୟର ବିଶେଷଜ୍ଞ ଦ୍ୱାରା ଏକ ସ୍ୱତନ୍ତ୍ର ନିଶୁଳ୍କ ଚିକିତ୍ସା ଶିବିର ଆୟୋଜିତ ହେବ । ବିଶେଷତଃ ବାମନଘାଟୀ ଉପଖଣ୍ଡ ସହିତ କରଞ୍ଜିଆ ଉପଖଣ୍ଡ ଏବଂ ଏହାର ଆଖପାଖ ଅଂଚଳର ବିଭିନ୍ନ ରୋଗରେ ଦୀର୍ଘକାଳୀନ ପୀଡ଼ିତ ରୋଗୀମାନେ ଏଠାରେ ବିଶେଷଜ୍ଞଙ୍କୁ ଦେଖାଇ ପରାମର୍ଶ ନେଇ ପାରିବେ । ଏଠାରେ ହୃଦରୋଗ , ସ୍ନାୟୁ ରୋଗ, ମେଡିସିନ, ଚର୍ମ, ଇ ଏନ ଟି (ନାସା -ଗଳା-କର୍ଣ୍ଣ ), ଚକ୍ଷୁ , ପେଡିଆଟ୍ରିକ୍ସ, ସର୍ଜରୀ, କିଡନୀ, ପ୍ରସୂତି ଓ ସ୍ତ୍ରୀ ରୋଗ , ମେଡିସିନ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ରୋଗର ଚିକିତ୍ସା ତଥା ପରୀକ୍ଷା ଇତ୍ୟାଦି ମାଗଣାରେ ଉପଲବ୍ଧ ହେବ । ଏତଦ ବ୍ୟତୀତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ପରାମର୍ଶ ପାଇବା ସହିତ ରୋଗୀମାନେ ସହଜରେ ଔଷଧ ଓ ଚିକିତ୍ସା ସୁବିଧା ନେବେ ବୋଲି ପ୍ରକାଶ କରିଥିଲେ । ତେଣୁ ଅଂଚଳର ରୋଗୀ ଏବଂ ଜନସାଧାରଣ ଏହି ସ୍ୱତନ୍ତ୍ର ନିଶୁଳ୍କ ସ୍ୱାସ୍ଥ୍ୟ ସେବାର ବହୁଳ ସୁଯୋଗ ନେବାକୁ ଏମ୍ସ ତରଫରୁ ନିବେଦନ କରାଯାଇଛି ।

# ଗ୍ରୀଷ୍ମକାଳୀନ ଅବକାଶ ଶେଷ ହେବାକୁ ବସିଲାଣି, ଛାତ୍ର ଛାତ୍ରୀଙ୍କୁ ମିଳୁନାହିଁ ବହି

ଜୟପୁର : (ହି.ସ.)- ଗ୍ରୀଷ୍ମକାଳୀନ ଅବକାଶ ଶେଷ ହେବାକୁ ବସିଲାଣି । ଛାତ୍ର, ଛାତ୍ରୀ ବହି ନଥିବାରୁ ଘରେ ହାତ ବାନ୍ଧି ବସିଛନ୍ତି । ପାଠ ପଢା ଆଗେଇ ପାରୁନାହିଁ । ଛୁଟି ଖୋଲିବାକୁ ଛାତ୍ର ଛାତ୍ରୀ ଚାହିଁ ବସିଛନ୍ତି । ଯାହାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି । ବହି ବଦଳିବା ପରେ ନୂଆ ବହି ଆସିନଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି । ଏଯାବତ୍ କୋରାପୁଟ ଜିଲାର ୧୪ଟି ବ୍ଲକ ଅଧିନରେ ଥିବା ବିଦ୍ୟାଳୟର ଛାତ୍ର ଛାତ୍ରୀ ବହି ପାଇନଥିବା ଅଭିଯୋଗ କରିଛନ୍ତି । ସୂଚନା ମୁତାବକ, ପ୍ରତିବର୍ଷ ଗ୍ରୀଷ୍ମ ଅବକାଶ ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ସରକାରୀ ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ବଂଟନ କରାଯାଇଥାଏ । ଯଦି କେହି ବହି ନ ପାଇଥାନ୍ତି ତେବେ ପୂର୍ବବର୍ଷ ବହି ସଂଗ୍ରହ କରି ଗ୍ରୀଷ୍ମଛୁଟିରେ ପାଠ ପଢା ଜାରି ରଖିଥାନ୍ତି । ପ୍ରାୟ ଦୁଇ ମାସ ଛୁଟି ରହୁଥିବାରୁ ଏହି ସମୟରେ ଛାତ୍ର, ଛାତ୍ରୀ କିଛି ପାଠ ସାରି ଦେଇଥାନ୍ତି ।ଅପ୍ରେଲ ମାସରେ ପଢା ହୋଇଥିବା ପାଠକୁ ମଧ୍ୟ ପୁନରାବୃତି କରିଥାନ୍ତି । ଫଳରେ ବିଦ୍ୟାଳୟ ଖୋଲିବା ପରେ ପାଠ ପଢା ଆଗେଇ ନେବା ପାଇଁ ସେମାନଙ୍କୁ ସହଜ ହୋଇଥାଏ । ଚଳିତ ଥର ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ବଦଳିଛି । ନୂଆ ଢଙ୍ଗରେ ସମସ୍ତ ବହି ଆସିଛି । ମାତ୍ର ଏଯାବତ ସମସ୍ତ ବହି ଛାତ୍ର, ଛାତ୍ରୀଙ୍କ ନିକଟରେ ପହଂଚି ପାରିନାହିଁ । କୋରାପୁଟ ଜିଲାର ୧୪ଟି ଗୋଷ୍ଠି ଶିକ୍ଷାଧିକାରିଙ୍କ ଅଧୀନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ର, ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଯେଉଁଥି ପାଇଁ ବହି ଆବଶ୍ୟକ । ମାତ୍ର ଅଧିକାଂଶ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ବହିପାଇନଥିବା ଅଭିଯୋଗ କରିଛନ୍ତି । ବିଶେଷ କରି ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀ ମାତ୍ର ତିନି ଚାରି ଖଣ୍ଡ ବହି ପାଇଛନ୍ତି । ସେହିପରି ଖୁବଶୀଘ୍ର ସମସ୍ତ ଛାତ୍ର ଛାତ୍ରୀଙ୍କ ନିକଟରେ ବହି ପହଂଚାଇବା ବ୍ୟବସ୍ଥା କରାଯିବାକୁ ଅଭିଭାବକ ମାନେ ଶିକ୍ଷା ବିଭାଗ ନିକଟରେ ଦାବୀ କରିଛନ୍ତି ।

# ପିଏମ୍ ସ୍ୱନିଧି ଯୋଜନାର ଷ୍ଟାମ୍ପ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କଲେ ରାଜ୍ୟ ସରକାର

ଭୁବନେଶ୍ୱର: ଷ୍ଟ୍ରିଟ୍ ଭେଣ୍ଡର(ରାସ୍ତାକଡ଼ ବ୍ୟବସାୟୀ)ମାନଙ୍କ ପାଇଁ ରାଜ୍ୟ ସରକାର ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି । ପିଏମ୍ ସ୍ୱନିଧି (ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର୍ସ ଆତ୍ମନିର୍ଭର ନିଧି) ଯୋଜନା ଅଧୀନରେ ମଞ୍ଜୁର ହୋଇଥିବା ସମସ୍ତ ତିନୋଟି ପର୍ଯ୍ୟାୟର ଋଣ ଉପରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରିଛନ୍ତି । ହାଇପୋଥିକେସନ୍ ଚୁକ୍ତିପତ୍ର ଉପରେ ଲାଗୁଥିବା ଷ୍ଟାମ୍ପ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ହୋଇଥିବା ଏକ ଆଦେଶ ଅନୁଯାୟୀ, ପିଏମ୍ ସ୍ୱନିଧି ଯୋଜନାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଋଣ କିସ୍ତି ସମ୍ବନ୍ଧୀୟ ହାଇପୋଥିକେସନ୍ ଏଗ୍ରିମେଂଟଗୁଡ଼ିକ ଉପରେ ଷ୍ଟାମ୍ପ ଶୁଳ୍କ ଆଦାୟ କରାଯିବ ନାହିଁ । ଭାରତୀୟ ଷ୍ଟାମ୍ପ ଆଇନ, ୧୮୯୯ର ଧାରା ୯(୧)(କ) ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ପଦକ୍ଷେପ ଫଳରେ ରାସ୍ତାକଡ଼ ବ୍ୟବସାୟୀମାନଙ୍କର ଋଣ ନେବା ଖର୍ଚ୍ଚ କମିବା ସହ ଔପଚାରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ମାଧ୍ୟମରେ ସହଜରେ ଋଣ ପାଇବାର ସୁଯୋଗ ବଢ଼ିବ । ଏହା ଦ୍ୱାରା ଛୋଟ ବ୍ୟବସାୟୀମାନଙ୍କ ଜୀବିକାକୁ ଅଧିକ ସୁଦୃଢ଼ କରିବା ସହ ସେମାନଙ୍କ ଆର୍ଥିକ ସଶକ୍ତିକରଣରେ ସହାୟକ ହେବ ବୋଲି ଆଶା କରାଯାଉଛି । ସୂଚନାଥାଉକି, କୋଭିଡ୍-୧୯ ମହାମାରୀ ପରେ ପ୍ରଭାବିତ ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ପୁନର୍ବାସ ଓ ଆର୍ଥିକ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପିଏମ୍ ସ୍ୱନିଧି ଯୋଜନା ଆରମ୍ଭ କରିଥିଲେ ।

# ସଚିବସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ସୁଶାସନ ଓ ଫଳାଫଳଭିତ୍ତିକ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମୀକ୍ଷା କରିଛନ୍ତି । ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରିତାର ତ୍ୱରିତ ମୂଲ୍ୟାଙ୍କନ ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନକୁ ଗୁରୁତ୍ୱାରୋପ କରାଯାଇଛି ।ଓଡ଼ିଶା ଜନ ବିଶ୍ୱାସ ଆଇନ୍ କାର୍ଯ୍ୟକାରିତା ସଂପର୍କିତ ଆଲୋଚନା, ତ୍ୱରିତ ମୂଲ୍ୟାଙ୍କନ ବ୍ୟବସ୍ଥା ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନ ଗଠନକୁ ଗୁରୁତ୍ୱାରୋପ କରାଯାଇଛି । ବୈଠକରେ ଗତ ମଇ ମାସରେ ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ସଂଫଳତା ସଂପର୍କରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ । ଆଗାମୀ ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମର ଶୃଙ୍ଖଳିତ ବ୍ୟବସ୍ଥା ନେଇ ବିଭିନ୍ନ ବିଭାଗୀୟ କାର୍ଯ୍ୟ ସୁଚାରୁରୂପେ ସଂପାଦନ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।



# ଆଜିଠୁ ୫ ଦିନିଆ ମଧ୍ୟପ୍ରଦେଶ ଏବଂ ଓଡ଼ିଶା ଗସ୍ତ କରିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ : ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୧୮ ରୁ ୨୨



ଜୁନ୍, ୨୦୨୬ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ ଏବଂ ଓଡ଼ିଶା ଗସ୍ତ କରିବେ । ୧୮ ଜୁନ୍ ରେ, ରାଷ୍ଟ୍ରପତି ମଧ୍ୟପ୍ରଦେଶର ବେତୁଲଠାରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଦ୍ୱାରା ଆୟୋଜିତ 'ଆଧ୍ୟାତ୍ମିକ ଜାଗରଣ ଦ୍ୱାରା ଆଦିବାସୀ ସମାଜର ସଶକ୍ତିକରଣ' କାର୍ଯ୍ୟକ୍ରମରେ ଯୋଗଦେବେ । ୧୯ ଜୁନ୍ ରେ, ରାଷ୍ଟ୍ରପତି ମଧ୍ୟପ୍ରଦେଶର ଓଁକାରେଶ୍ୱରରେ ଅନ୍ତର୍ଜାତୀୟ ସିକଲ୍ ସେଲ୍ ଦିବସ ସମାରୋହରେ ଯୋଗଦେବେ । ସେହି ଦିନ, ଓଡ଼ିଶାର ରାଇରଙ୍ଗପୁରରେ, ରାଷ୍ଟ୍ରପତି ଭୁବନେଶ୍ୱର ଏମ୍ସ ଦ୍ୱାରା ଆୟୋଜିତ ଏକ ଚିକିତ୍ସା ଶିବିର, କୁସୁମି ବ୍ଲକ ଅନ୍ତର୍ଗତ ଖଣି ପ୍ରଭାବିତ ଗ୍ରାମଗୁଡ଼ିକୁ ମେଗା ସମନ୍ୱିତ ଗ୍ରାମୀଣ ପାଇପ୍ ଜଳ ଯୋଗାଣ, ବ୍ରହ୍ମା କୁମାରୀଙ୍କ ମାତୃଶକ୍ତି ଭବନ, ସ୍ୱତନ୍ତ୍ର ସର୍କିଟ୍ ହାଉସ୍ ଏବଂ ପୋଲିସ ଜିଲ୍ଲା, ରାଇରଙ୍ଗପୁର ଉଦଘାଟନ କରିବେ । ଜୁନ୍ ୨୦ ତାରିଖରେ, ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପାହାଡ଼ପୁରରେ ସ୍କୁଲ ଏବଂ ଦକ୍ଷତା କେନ୍ଦ୍ର ସମେତ ପାହାଡ଼ପୁରର ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ ଏବଂ ହିତାଧିକାରୀ/ପିଲାମାନଙ୍କ ସହିତ ଆଲୋଚନା କରିବେ । ପରେ, ସେମାନେ ରାଇରଙ୍ଗପୁରରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗଦେବେ । ଜୁନ୍ ୨୧ ତାରିଖରେ, ରାଷ୍ଟ୍ରପତି ମଧ୍ୟପ୍ରଦେଶର ଜବଲପୁରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନରେ ଯୋଗଦେବେ । ସେହି ଦିନ, ସେ ଜବଲପୁରର ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଜୁନ୍ ୨୨ ତାରିଖରେ, ରାଷ୍ଟ୍ରପତି ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ସହରିଆ ଜନଜାତିର ସଦସ୍ୟ, ଚିତା ଟ୍ରାକର, ପର୍ଯ୍ୟଟକ ଗାଇଡ୍ ଏବଂ କୁନୋ କ୍ଷେତ୍ର ଦଳର ସଦସ୍ୟମାନଙ୍କ ସହିତ ଆଲୋଚନା କରିବେ ।

# ଜି-୭ ଶିଖର ସମ୍ମିଳନୀ ଅବସରରେ ଏଭିଆନରେ ଜର୍ମାନ ଚାନ୍ସେଲରଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଫ୍ରାନ୍ସର



ଏଭିଆନରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ଜର୍ମାନୀର ଚାନ୍ସେଲର ମହାମହିମ ଶ୍ରୀ ଫ୍ରେଡ୍ରିଚ୍ ମର୍ଜଙ୍କୁ ସାକ୍ଷାତ କରିଛନ୍ତି । ଏହା ହେଉଛି ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ଦ୍ୱିତୀୟ ସାକ୍ଷାତକାର । ଏହି ଅବସରରେ ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମୀକ୍ଷା କରିଥିଲେ । ଏଥିସହିତ ଚାନ୍ସେଲରଙ୍କ ସଫଳ ଭାରତ ଗସ୍ତ ତଥା ଚଳିତ ବର୍ଷର ପ୍ରାରମ୍ଭରେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ଆଲୋଚନାର ସଫଳ ସମାପ୍ତି ପରେ ଭାରତ-ଜର୍ମାନୀ ରଣନୈତିକ ସହଭାଗୀତାରେ ସୃଷ୍ଟି ହୋଇଥିବା ନୂତନ ଗତିଶୀଳତା ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ । ୨୦୨୬ ମସିହାରେ ଭାରତ ଓ ଜର୍ମାନୀ କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ପାଳନ କରୁଥିବା ସମୟରେ, ଉଭୟ ନେତା ବାଣିଜ୍ୟ ଓ ପୁଞ୍ଜିନିବେଶ, ପ୍ରତିରକ୍ଷା ଓ ସୁରକ୍ଷା, ସବୁଜ ଏବଂ ସ୍ଥାୟୀ ବିକାଶ, ପ୍ରଯୁକ୍ତିବିଦ୍ୟା, ନବସୃଜନ, ଶିକ୍ଷା ଏବଂ ଜନଗତିଶୀଳତା ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲେ । ସେମାନେ ପ୍ରତିରକ୍ଷା ଶିଳ୍ପ ସହଯୋଗ ରୋଡମ୍ୟାପ୍ ସ୍ୱାକ୍ଷର ଏବଂ ଜର୍ମାନୀ ଦେଇ ଯାତ୍ରା କରୁଥିବା ଭାରତୀୟ ନାଗରିକଙ୍କ ପାଇଁ ପରିବହନ ଭିସା ଛାଡ଼ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବାରୁ ସ୍ୱାଗତ ଜଣାଇଥିଲେ । ଉଭୟ ନେତା ପରସ୍ପର ସ୍ୱାର୍ଥ ସମ୍ବଳିତ ଆଂଚଳିକ ଓ ବିଶ୍ୱସ୍ତରୀୟ ପରିସ୍ଥିତି ଉପରେ ମତ ବିନିମୟ କରିଥିଲେ । ଏଥିରେ ପଶ୍ଚିମ ଏସିଆର ପରିସ୍ଥିତି ଏବଂ ରୁଷ-ୟୁକ୍ରେନ୍ ବିବାଦ ମଧ୍ୟ ସାମିଲ ଥିଲା । ପଶ୍ଚିମ ଏସିଆରେ ସଂଘର୍ଷର ଅବସାନ ପାଇଁ ହୋଇଥିବା ବୁଝାମଣାକୁ ମଧ୍ୟ ସେମାନେ ସ୍ୱାଗତ କରିଥିଲେ । ଚାନ୍ସେଲର ମର୍ଜ ଚଳିତ ବର୍ଷ ଶେଷ ଭାଗରେ ଜର୍ମାନୀରେ ଆୟୋଜିତ ହେବାକୁ ଥିବା ଅଷ୍ଟମ ଭାରତ-ଜର୍ମାନୀ ଆନ୍ତଃ-ସରକାରୀ ପରାମର୍ଶ ବୈଠକ (ଆଇଜିସି) ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲେ ।

# ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କଲେ ରାଜ୍ୟପାଳ



ଭୁବନେଶ୍ୱର : ରାଜ୍ୟରେ ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାର ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି କ୍ଷବୁଧବାର ଦିନ ଲୋକ ଭବନର ନ୍ୟୁ ଅଭିଷେକ ହଲ ଠାରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱ ଆରୋପ କରିଛନ୍ତି । ସୌରଶକ୍ତିଚାଳିତ ଜଳସେଚନ ପମ୍ପର ବ୍ୟାପକ ବ୍ୟବହାର କୃଷକମାନଙ୍କ ଜମିରେ ଜଳସେଚନ ଖର୍ଚ୍ଚ ହ୍ରାସ କରିବା ସହ ସେମାନଙ୍କ ଆୟ ବୃଦ୍ଧି କରିବ ଏବଂ ରାଜ୍ୟର ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି । କୃଷକମାନଙ୍କ ମଧ୍ୟରେ ସୌରଚାଳିତ ଜଳସେଚନ ବ୍ୟବସ୍ଥାର ପ୍ରଚାର ଓ ପ୍ରସାର ପାଇଁ ଅଧିକାରୀମାନଙ୍କୁ ଆହ୍ୱାନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ଏହି ବ୍ୟବସ୍ଥା ମାଧ୍ୟମରେ ଉତ୍ପାଦିତ ଅତିରିକ୍ତ ବିଦ୍ୟୁତକୁ ଗ୍ରିଡ୍ ?କୁ ଯୋଗାଇ ଦିଆଯାଇପାରିବ ଏବଂ ଏହା କୃଷକମାନଙ୍କ ପାଇଁ ଅତିରିକ୍ତ ଆୟର ଏକ ଉତ୍ସ ସୃଷ୍ଟି କରିବା ସହ ସ୍ଥାୟୀ କୃଷି ଓ ସ୍ୱଚ୍ଛ ଶକ୍ତି ପଦକ୍ଷେପକୁ ସୁଦୃଢ଼ କରିବ । ପିଏମ୍-କୁସୁମ ଯୋଜନା ସଂପର୍କରେ ଉଲ୍ଲେଖ କରି ବିଭାଗର ସଚେତନତା ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ପାରମ୍ପରିକ ବିଦ୍ୟୁତଚାଳିତ ପମ୍ପ ପରିବର୍ତ୍ତେ ସୌରଚାଳିତ ପମ୍ପ ବ୍ୟବହାରକୁ ବ୍ୟାପକ କରିବା ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ ।

# ପାଠ୍ୟପୁସ୍ତକରେ ତ୍ରୁଟି : ୩ ଜଣିଆ କମିଟି ଗଠିତ ୭ ଦିନରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ରାଜ୍ୟ ସରକାରଙ୍କ ବିଦ୍ୟାଳୟ ପାଠ୍ୟପୁସ୍ତକରେ ପରିଲକ୍ଷିତ ହୋଇଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ଆଭାସ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟି ସୁଧାରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ତ୍ରୁଟି ପାଇଁ କେଉଁ ଅଧିକାରୀ/ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବା ପାଇଁ ବୈଠକରେ ମୁଖମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ତିନି ଜଣିଆ ଟିମ ତଦନ୍ତ କରିବେ । ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ ବଂଟାଯାଇଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ପାଠ୍ୟପୁସ୍ତକରେ କେତେକ ପ୍ରିଂଟିଂ ଭୁଲ୍ ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର ଏପରି ତତ୍ପରତା ପ୍ରକାଶ କରିଛନ୍ତି । ୭ ଦିନ ମଧ୍ୟରେ ଏହି କମିଟି ରିପୋର୍ଟ ଦାଖଲ କରିବେ ଏବଂ କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ/ସଂସ୍ଥା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ । ପିଲାଙ୍କ ପାଠପଢ଼ାରେ ଯେପରି କୌଣସି ଅସୁବିଧା ନହୁଏ, ସେଥିପାଇଁ ତ୍ରୁଟି ସଂଶୋଧନ ନେଇ ବୈଠକରେ ବ୍ଲୁ-ପ୍ରିଂଟ ପ୍ରସ୍ତୁତ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଶିକ୍ଷାବର୍ଷ ପାଇଁ ପ୍ରକାଶିତ ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କେତେକ ବହିରେ ମୁଦ୍ରଣ ଜନିତ ତ୍ରୁଟି ରହିଯାଇଛି । ଏହି ଭୁଲ୍ ସୂଚନା ଯୋଗୁଁ ଛାତ୍ରଛାତ୍ରୀମାନେ ଯେପରି ବିଭ୍ରାନ୍ତ ନହୁଅନ୍ତି, ସେଥିପାଇଁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି । ବହିର କେଉଁ ସ୍ଥାନରେ କଣ ଭୁଲ୍ ଅଛି ଏବଂ ତାର ପ୍ରକୃତ ସଂଶୋଧିତ ରୂପ କଣ ହେବ, ସେନେଇ ଝଉରଜଞ୍ଜ ଏକ ନିର୍ଦ୍ଦିଷ୍ଟ ଶୁଦ୍ଧିପତ୍ର ବା ସୂଚୀପତ୍ର ଜାରି କରିଛି ।

# ନିଟ୍ ପୁନଃପରୀକ୍ଷା ସମୟରେ ଟେଲିଗ୍ରାମ କଟକଣା: ସୁରକ୍ଷା ଓ ସ୍ୱଚ୍ଛତାକୁ ପ୍ରାଥମିକତା

ନୂଆଦିଲ୍ଲୀ : ଟେଲିଗ୍ରାମ୍ ଉପରେ କଟକଣା ଲଗାଇ ସରକାର ପ୍ରଶ୍ନପତ୍ର ଲିକ୍ ସମ୍ପର୍କିତ ଖବରକୁ ଚାପିଦେବାକୁ ଉଦ୍ୟମ କରୁଛନ୍ତି କି ? ପ୍ରକୃତ କଥା ହେଉଛି ଏ ସମ୍ପର୍କିତ ମିଥ୍ୟା ପ୍ରଚାର ବା ଗୁଜବକୁ ରୋକିବା ଲାଗି ଏପରି କରାଯାଇଛି । ଏହି କଟକଣାଟି ଟେଲିଗ୍ରାମ ଉପରେ ଏକ ସଂପୂର୍ଣ୍ଣ ନିଷେଧାଜ୍ଞା ନୁହେଁ । ଏହା ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ଲାଗି ଏକ ସାମୟିକ ପଦକ୍ଷେପ । ବିଶେଷ ଭାବରେ ନିଟ୍ ପୁନଃ-ପରୀକ୍ଷା ସମୟରେ ଏହି କଟକଣା ଲାଗୁ ହେବ । ଏହି କଟକଣା ପ୍ରାୟ ଜୁନ୍ ୨୨ ତାରିଖ ଆଡ଼କୁ ହଟାଇ ଦିଆଯିବ ଏବଂ ମେସେଜ୍-ଏଡିଟିଂ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଜୁନ୍ ୩୦ ସୁଦ୍ଧା ହେବ । ଏହି କଟକଣାର ଲକ୍ଷ୍ୟ ସାଧାରଣ ଟେଲିଗ୍ରାମ୍ ବ୍ୟବହାରକାରୀ ନୁହଁନ୍ତି । ଏହାର ଅସଲ ଲକ୍ଷ୍ୟ ହେଉଛି ସେହି ନିର୍ଦ୍ଦିଷ୍ଟ ସମୟ ସୀମା, ଯେଉଁ ସମୟରେ ଏହି ଠକେଇ ବା ସ୍କାମଗୁଡ଼ିକ ସକ୍ରିୟ ହୋଇଥାନ୍ତି - ବିଶେଷ କରି ନିଟ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପୁନଃ-ପରୀକ୍ଷା ପୂର୍ବରୁ, ଯେତେବେଳେ ଚାପଗ୍ରସ୍ତ ଓ ଭୟଭୀତ ଛାତ୍ରଛାତ୍ରୀମାନେ ସବୁଠାରୁ ଅଧିକ ଅସହାୟ ଥାଆନ୍ତି । ଯେଉଁ କ୍ଷତି ବା ସମସ୍ୟାର ସମାଧାନ କରାଯାଉଛି, ତାହା ସକ୍ରିୟ ଏବଂ ନିରନ୍ତର ଭାବରେ ଚାଲିଥିଲା । ଟେଲିଗ୍ରାମରେ ଖୋଲାଖୋଲି ଭାବେ "PAPER LEAKED NEET" ଏବଂ "Re-NEET 2026" ନାମରେ ଚ୍ୟାନେଲ୍ ଗୁଡ଼ିକ ଖୋଲାଯାଇ ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ବିରୋଧରେ ଏକ ବଡ଼ ଧରଣର ବ୍ଲାକମେଲିଂ ଓ ଜବରଦସ୍ତି ଟଙ୍କା ଆଦାୟ ଚାଲିଥିଲା । ପ୍ରକୃତରେ ସେଭଳି କୌଣସି ପ୍ରଶ୍ନପତ୍ର ନଥାଇ ମଧ୍ୟ, ସେହି ଜାଲ୍ ପେପର୍ ପାଇଁ ସେମାନେ ୧୪,୦୦୦ ରୁ ୨୫,୦୦୦ ଟଙ୍କା ଏବଂ କେତେକ ସ୍ଥାନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦାବି କରୁଥିଲେ । କହିବା ବାହୁଲ୍ୟ, ଯେଉଁମାନେ ଟଙ୍କା ପଠାଉଥିଲେ ତାହା ବୁଡ଼ି ଯାଉଥିଲା । ଠକମାନେ କେବଳ ମିଥ୍ୟା ସୂଚନା ବା ଗୁଜବ ପ୍ରସାର କରୁନଥିଲେ, ସେମାନେ ଛାତ୍ରଛାତ୍ରୀଙ୍କ ମନରେ ଥିବା ଭୟ ଓ ଅସହାୟ ଅବସ୍ଥାକୁ ବ୍ୟବହାର କରି ଏକ ବ୍ୟବସାୟ ଚଳାଉଥିଲେ: ଛାତ୍ରଛାତ୍ରୀମାନେ ଜରୁରୀ ଅନୁଭବ କରି ଟଙ୍କା ଦେଉଥିଲେ, ଗୋପନୀୟତା ଯୋଗୁଁ ଜାଲ୍ ପ୍ରଶ୍ନପତ୍ରଗୁଡ଼ିକର ମୂଲ୍ୟ ଅହେତୁକ ଭାବେ ବଢୁଥିଲା । ପରୀକ୍ଷାକୁ ନେଇ ପିଲାମାନଙ୍କର ଚିନ୍ତା ଯୋଗୁଁ ଚାହିଦା ସୃଷ୍ଟି ହେଉଥିଲା । ଏହା ଏକ ବାକ୍ ସ୍ୱାଧୀନତା ସଂପର୍କିତ ସମସ୍ୟା ନୁହେଁ, ବରଂ ଏହା ଏକ ଆର୍ଥିକ ଜାଲିଆତି ରାକେଟ୍ । କେବଳ ତଥ୍ୟ ଯାଂଚ ବା ପୋଷ୍ଟ ଡିଲିଟ୍ କରିବା ଦ୍ୱାରା ଏହି ସମସ୍ୟାର ସମାଧାନ କରିପାରିବେ ନାହିଁ । ସେହି ସଂପୂର୍ଣ୍ଣ ବଜାରକୁ ବନ୍ଦ କରାଯିବା ହିଁ ଏକମାତ୍ର ପନ୍ଥା । ଠକମାନେ ଟେଲିଗ୍ରାମର ଏକ ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟର ଅପବ୍ୟବହାର କରୁଥିଲେ । ଟେଲିଗ୍ରାମ କୌଣସି ବି ଚ୍ୟାନେଲ୍ ଆଡମିନଙ୍କୁ ତାଙ୍କର ଯେକୌଣସି ପୁରୁଣା ମେସେଜକୁ ଏଡିଟ୍ କରିବା ଏବଂ ତାହାର ସମସ୍ତ ତଥ୍ୟକୁ ସମ୍ପୂର୍ଣ୍ଣ ବଦଳାଇବା ପାଇଁ ସୁବିଧା ଦେଇଥାଏ, ଯେଉଁଥିରେ ପୋଷ୍ଟର ସମୟ ପୂର୍ବ ଭଳି ଅପରିବର୍ତ୍ତିତ ରହିଥାଏ । ଜୁନ୍ ୪ ତାରିଖରେ ଏଡିଟ୍ କରାଯାଇଥିବା ଏକ ମେସେଜକୁ ଏମିତି ଦେଖାଯାଇପାରିବ, ଯେମିତି କି ତାହା ପ୍ରକୃତରେ ଜୁନ୍ ୧ ତାରିଖରେ ପଠାଯାଇଥିଲା । ଠକମାନେ ଏହାର ସୁଯୋଗ ନେଇ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବାର ମିଥ୍ୟା 'ପ୍ରମାଣ' ତିଆରି କରୁଥିଲେ, ଯାହା

# ଓଡ଼ିଶାକୁ ଫୋକସରେ ରଖିଛନ୍ତି ପ୍ରଧାନମନ୍ତ୍ରୀ : ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର : ଓଡ଼ିଶାକୁ ପ୍ରଥମ ଥର ନୁହେଁ ସରକାର ଗଠନ ପରେ ୮ ଥର ଗସ୍ତ କଲେଣି ପ୍ରଧାନମନ୍ତ୍ରୀ ବୋଲି କହିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଏହା ସହ ଓଡ଼ିଶାକୁ ଫୋକସରେ ରଖିଛନ୍ତି ପ୍ରଧାନମନ୍ତ୍ରୀ । ଏହା ସହ ବିକାଶର ଫର୍ଦ୍ଦରେ ଓଡ଼ିଶା ଯୋଡ଼ି ହୋଇ ଯାଇଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ କ୍ୱିଂଟାଲ ୨୦ କେଜି ଚାଉଳ ପାଇବା ପାଇଁ ନୂଆ ଯୋଜନା ହୋଇଛି । ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଗସ୍ତ ରହୁଛି । ଏହା ସହ ଆସନ୍ତା ୨୦ ତାରିଖରେ ହେବାକୁ ଯାଉଛି ।



ଏହା ସହ ସମସ୍ତେ ଏହି ଗସ୍ତକୁ ଉତ୍ସାହିତ ଅଛନ୍ତି । ଓଡ଼ିଶାକୁ ସବୁ କ୍ଷେତ୍ରରେ ପ୍ରାଧାନ୍ୟ ଦିଆ ଯାଇଛି । ବିକଶିତ ଭାରତ ୨୦୩୬ ପାଇଁ ଓଡ଼ିଶା ଗ୍ରୋଥ୍ ଇଞ୍ଜିନ ଭାବେ କାମ କରିବ ବୋଲି ସେ କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ବିରୋଧୀଙ୍କ କାର୍ଯ୍ୟ ବିରୋଧ କରିବା । ସେମାନଙ୍କ କାମ ସଜ ମାଛରେ ପୋକ ପକାଇବା । କୃଷକମାନଙ୍କୁ ୧୦୦ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଲେ ତାହା ଧୂଆଁ ବାଣ ପାଲଟିଥିଲା । ଏହା ସହ ୬୫୦୦୦ ରୁ ଅଧିକ ସରକାରୀ ଚାକିରୀ ମଧ୍ୟ ଦିଆଯାଇଛି । ଓଡ଼ିଶା ନୂଆ ସରକାରରେ ବିଜନେସର ହବ୍ ପାଲଟିଛି । ବିରୋଧୀ ତାଳକୁ ତିଳ ଓ ଛୋଟକୁ ବଡ଼ କରି କହୁଛନ୍ତି । ପ୍ରୋଗ୍ରାମ ଖର୍ଚ୍ଚ ଅଧିକ ହୋଇଛି । ଏହା ସହ ଇନଫ୍ରାଷ୍ଟ୍ରକଚରରେ ଅଧିକ ଖର୍ଚ୍ଚ କରାଯାଇଛି । ଏହା ସହ କାମ ମଧ୍ୟ ତ୍ୱରାନିତ କରାଯାଇଛି । ସେ କହିଛନ୍ତି ଯେ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରେ ୯୯.୮୯ ପ୍ରତିଶତ କାମ କରାଯାଇଛି । ଏହା ୧ ଲକ୍ଷ ଯୁବକ ଯୁବତୀ ଆତ୍ମନିର୍ଭର ହୋଇପାରିଛନ୍ତି । ଆଜି ନୀଳ ଅର୍ଥନୀତି କୁ ତ୍ୱରାନିତ କରାଯାଇଛି । ଏହା ସହ ସବୁ ବିଭାଗ ସହ ଏହା ସହ ଆଲୋଚନା କରାଯାଇଛି । ଏହା ସହ ୩ ହଜାର କୋଟିରୁ ୫୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରାଯାଇଛି ।

# ୨୮ରେ ଓଟିଇଟି ପରୀକ୍ଷା
## ଆଜିଠୁ ବୋର୍ଡ଼ ୱେବ୍‌ସାଇଟ୍‌ରେ ଆଡ୍‌ମିଟ୍ କାର୍ଡ଼

କଟକ : ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆହ୍ୱାନ କରାଯାଇଥିବା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)- ୨୦୨୬ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ । ଇନ୍‌ସର୍ଭିସ୍ ଶିକ୍ଷକ ଏବଂ ନୂଆ ପ୍ରାର୍ଥୀ ମିଶି ମୋଟ ୯୭ ହଜାର ୧୫୧ ଜଣ ପ୍ରାର୍ଥୀ ଏହି ପରୀକ୍ଷା ପାଇଁ ଆବେଦନ କରିଛନ୍ତି । ଏଥିରେ ୮୪ ହଜାର ୬୨୫ ରେଗୁଲାର ଓ ୧୩ ହଜାର ୫୮... ଶିକ୍ଷ... ଆବେ... ବୋର... ଆଡ୍... ବୋର... କହିଛ... ଫର୍ମ... ମୋବ... ବ୍ୟବହାର କରି ଆଡ୍‌ମିଟ୍ କାର୍ଡ ପାଇପାରିବେ । ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ ୩୦ଟି ଜିଲ୍ଲାରେ ମୋଟ ୩୧୧ଟି ସେଂଟର ଚୟନ କରାଯାଇଛି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର କ୍ଲୋଜ୍ ସର୍କିଟ୍ କ୍ୟାମେରା(ସିସିଟିଭି)ବଳୟରେ ରହିବ । ପ୍ରଶ୍ନପତ୍ରର ସୁରକ୍ଷା ଓ ପରୀକ୍ଷା ଆଗରୁ ପ୍ରଶ୍ନ ଭାଇରାଲ୍ ରୋକିବା ଲାଗି ପ୍ରଶ୍ନପତ୍ରଗୁଡ଼ିକ ଡିଜିଟାଲ୍ ଲକରରେ ବୋର୍ଡ କାର୍ଯ୍ୟାଳୟରରୁ ସେଂଟକୁ ଯିବ । ଆସନ୍ତା ୨୮ ତାରିଖରେ ଦୁଇଟି




# ଆଫଗାନିସ୍ତାନ ଆଗରେ ୪୦୩ ରନର ଲକ୍ଷ୍ୟ ରଖିଲା ଭାରତ

ନୂଆଦିଲ୍ଲୀ: ଗର୍ଜିଲା ଶୁଭମନ ଗିଲ୍ ଏବଂ ଇଶାନ କିଷନଙ୍କ ବ୍ୟାଟ୍ । ଶତକୀୟ ପାଳି ବଳରେ ବିଶାଳ ସ୍କୋର କଲା ଭାରତ । ୪୯.୫ ବଲରେ ଅଲଆଉଟ ୪୦୨ ରନ କରିବାରେ ସକ୍ଷମ ହୋଇଛି ଟିମ୍ ଇଣ୍ଡିଆ । ଦଳ ପକ୍ଷରୁ ଅଧିନାୟକ ଶୁଭମନ ଗିଲ୍ ସର୍ବାଧିକ ୧୫୪ ରନର ପାଳି ଖେଳିଥିବାବେଳେ ଇଶାନ କିଷନ ୧୨୫ ରନ କରିଛନ୍ତି । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା ଆଫଗାନିସ୍ତାନ । ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଭାରତର ଓପନର ବ୍ୟାଟ୍ସମ୍ୟାନ ଯଶସ୍ୱାଲ ମାତ୍ର ୪ ରନ କରି ଆଉଟ୍ ହୋଇଥିଲେ । ମାତ୍ର ସାଥୀ ଅଭିଜ୍ଞ ଓପନର ରୋହିତ ଶର୍ମା ଅଧିନାୟକ ଶୁଭମନ ଗିଲଙ୍କ ସହ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ । ରୋହିତ ଶର୍ମା ୪୮ ରନ୍ କରି ଆଉଟ୍ ହୋଇଛନ୍ତି । ଅର୍ଦ୍ଧଶତକରୁ ମାତ୍ର ୨ ରନ ପାଇଁ ବଂଚିତ ହୋଇଥିଲେ । ରୋହିତଙ୍କ ପରେ ଇଶାନ କିଷନ ଏବଂ ଗିଲ୍ ଯୋଡ଼ି ଦମଦାର ପ୍ରଦର୍ଶନ କରିଥିଲେ । ଗିଲ୍ ୧୫୪ ଏବଂ ଇଶାନ ୧୨୫ ରନ କରିଛନ୍ତି । ଦଳର ବାକି ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଶ୍ରେୟସ ୨୬ ଏବଂ ସୁନ୍ଦର ୧୯ ରନ କରିବାରେ ସକ୍ଷମ



ହୋଇଥିଲେ । ଦଳର ବାକି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରିନଥିଲେ । ସେପଟେ ଆଫଗାନିସ୍ତାନ ପକ୍ଷରୁ ଖରୋଟି ସର୍ବାଧିକ ୪ ୱିକେଟ୍ ନେଇଥିବାବେଳେ ରସିଦ ଖାନ ୩ ୱିକେଟ୍ ନେଇଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ– ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ– **ନିର୍ମାଲ୍ୟ ମହାନ୍ତି**